

# ଭୁବନେଶ୍ୱର ସିଟି

**ଛାତ୍ରୀଙ୍କୁ ଯୌନ ନିର୍ଯାତନା**

## ପ୍ରମାଣ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ୍ୟ

- ଅଶ୍ଳୀଳ ବ୍ୟବହାର କଲେ ପୁରସ୍କୃତ କରୁଛି ଉଚ୍ଚଶିକ୍ଷା ବିଭାଗ
- ଛାତ୍ରୀଙ୍କୁ ଅସଦାଚରଣ କରିବାକୁ ମିଳୁଛି ପରୋକ୍ଷ ପ୍ରୋତ୍ସାହନ
- ଚର୍ଚ୍ଚାରେ ବିଭାଗୀୟ ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କ ଭୂମିକା

ଭୁବନେଶ୍ୱର, ୨୩।୨(ସମିସ): ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ପ୍ରତି ଅଧ୍ୟାପକମାନେ ଅଶ୍ଳୀଳ ଓ ଆଶାଳୀନ ବ୍ୟବହାର କରୁଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରିବା ପରେ ଅଭିଯୋଗ ସତ ପ୍ରମାଣିତ ହେଉଛି। ମାତ୍ର କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଦୋଷୀ ଅଧ୍ୟାପକଙ୍କୁ ଖୋଦ୍ ଉଚ୍ଚଶିକ୍ଷା ବିଭାଗ ଘଣ୍ଟ ଘୋଡ଼ାଇବାକୁ ପ୍ରୟାସ କରୁଛି। କେବଳ ଏତିକି ନୁହେଁ, ସମ୍ପୃକ୍ତ ଅଧ୍ୟାପକଙ୍କୁ ପଦୋନ୍ନତି ସଦୃଶ ଉଚ୍ଚଶିକ୍ଷା ବିଭାଗରେ ଥଇଥାନ କରାଯାଉଛି। ଯାହା ଅଭିଯୋଗକାରୀ ଛାତ୍ରୀଙ୍କୁ ଆନ୍ଦୋଳିତ କରୁଛି।

ରାଜଧାନୀର ପ୍ରତିଷ୍ଠିତ ବିଜେବି କଲେଜ ଓଡ଼ିଆ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ହୋଇଥିଲା। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ (ଆରଡିଇ) ଭୁବନେଶ୍ୱର ଅଭିଯୋଗର ତଦନ୍ତ କରିଥିଲେ। ଅଧ୍ୟକ୍ଷାଙ୍କ ଉପସ୍ଥିତିରେ ୟୁଜି ଓ ପିଜି ଛାତ୍ରୀଙ୍କୁ ପଚାରିବା ସହ ଅଧ୍ୟାପକଙ୍କ ବ୍ୟବହାର ସମ୍ପର୍କରେ ଲିଖିତ ଦେବାକୁ କହିଥିଲେ। ଶିକ୍ଷାଦାନ ସମୟରେ ଯୌନ ଉଦ୍ଦିପନାମୂଳକ ଓ ଦ୍ୱିଅର୍ଥବୋଧକ କଥା କହିବା ସହ ଛାତ୍ରୀଙ୍କୁ ବ୍ୟାଡ୍ ଟଚ୍ କରିବା, ଅଶ୍ଳୀଳ ଭାଷା ପ୍ରୟୋଗ, ପାର୍କରେ ବସିଥିବା ପ୍ରେମୀଯୁଗଳଙ୍କ ଉଦାହରଣ ଆଳରେ ବ୍ୟକ୍ତିଗତ ଇଙ୍ଗିତ, ପୋଷାକ ସମ୍ପର୍କରେ ଟିପ୍ପଣି, ଅଶ୍ଳୀଳ ଇଙ୍ଗିତ, ଛାତ୍ରୀଙ୍କ ରୂପକୁ ନେଇ ଆଶାଳୀନ ମନ୍ତବ୍ୟ, ଛାତ୍ରୀଙ୍କ ବ୍ୟକ୍ତିଗତ କଥା ଓ ଅଙ୍ଗକୁ ନେଇ ଶ୍ରେଣୀଗୃହରେ ମନ୍ତବ୍ୟ ଦେଉଥିବା ଛାତ୍ରୀମାନେ ବଖାଣିଥିଲେ। ଏସବୁ ତଥ୍ୟ ସହିତ ଅଭିଯୋଗରେ ସତ୍ୟତା ଥିବା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଉଚ୍ଚଶିକ୍ଷା ବିଭାଗକୁ ରିପୋର୍ଟ ଦେଇଥିଲେ। ମାତ୍ର ଏହାପରେ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ତାଙ୍କୁ ବଞ୍ଚାଇବାକୁ ଉଚ୍ଚଶିକ୍ଷା ବିଭାଗ ପ୍ରୟାସ ଆରମ୍ଭ କରିଛି। ଆରଡିଇଙ୍କ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ କଲେଜ ଆଇସିସି କମିଟିକୁ ଚିଠି କରିଛି। ଉକ୍ତ କର୍ତ୍ତୃପକ୍ଷ ତଦନ୍ତ କରି ସତ୍ୟତା ଥିବା ଜାଣିବା ପରେ କଲେଜ କିପରି କାର୍ଯ୍ୟାନୁଷ୍ଠାନ ନେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କ ଭୂମିକାକୁ ନେଇ ଶିକ୍ଷାବିତ୍‌ମାନେ ସନ୍ଦେହ ପ୍ରକାଶ କରିଛନ୍ତି।

ଏତିକିରେ ସରିନାହିଁ ଉଚ୍ଚଶିକ୍ଷା ବିଭାଗର କାରସାଦି। ଅଭିଯୋଗ ପରେ କଲେଜରୁ ଡେପୁଟେସନ୍‌ରେ ଆଣି ଉଚ୍ଚଶିକ୍ଷା ବିଭାଗରେ ଥଇଥାନ କରାଯାଇଥିଲା। ଗତ ସେପ୍ଟେମ୍ବରରେ ତାଙ୍କୁ କଲେଜକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲେ ମଧ୍ୟ ସେ କଲେଜରେ ଯୋଗଦେଇ ନ ଥିଲେ। ଛାତ୍ରୀଙ୍କ ଚାଞ୍ଚଲ୍ୟକର ବୟାନ ପଦାକୁ ଆସିବା ପରେ ତାଙ୍କ ରିଭର୍ଟ ଅର୍ଡରକୁ ପୁଣି ବାତିଲ କରାଯାଇଛି। ଅର୍ଥାତ୍ ସେ ଉଚ୍ଚଶିକ୍ଷା ବିଭାଗରେ ହିଁ ରହିବେ। ଉଚ୍ଚଶିକ୍ଷା ବିଭାଗକୁ ଡେପୁଟେସନ୍‌ରେ ଯିବାକୁ ପଦୋନ୍ନତି ବା ପୁରସ୍କୃତ ବୋଲି ବିବେଚନା କରାଯାଉଥିବାରୁ ଛାତ୍ରୀଙ୍କୁ ଅସଦାଚରଣ କଲେ ଉଚ୍ଚଶିକ୍ଷା ବିଭାଗ ପୁରସ୍କୃତ କରୁଥିବା ଏକ ଧାରଣା ଅଧ୍ୟାପକ ମହଲରେ ସୃଷ୍ଟି ହୋଇଛି।

ଅପରପକ୍ଷରେ ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ଆସିଥିବାରୁ ଅଧ୍ୟାପକଙ୍କୁ ଶିକ୍ଷାନୁଷ୍ଠାନରୁ ଦୂରେଇ ରଖିବାକୁ ବିଭାଗକୁ ଡେପୁଟେସନ୍ କରାଯାଇଛି। ଛାତ୍ରୀଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ନ ଆସିବା ଓ କଲେଜରେ ଅପ୍ରିତିକର ସ୍ଥିତି ଏଡାଇବାକୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଯଦି ଉଚ୍ଚଶିକ୍ଷା ବିଭାଗ ଏପରି ମାନସିକତା ଜାରି ରଖେ, ତାହେଲେ ଅଧ୍ୟାପକମାନେ ଛାତ୍ରୀଙ୍କୁ ଅସଦାଚରଣ କରି ପୁରସ୍କୃତ ହେବାକୁ କାହିଁକି ଶ୍ରେୟସ୍କର ମନେ ନ କରିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଛାତ୍ରୀଙ୍କୁ ନିର୍ଯାତନା ଦେବାରେ ଏସବୁ ପଦକ୍ଷେପ ପରୋକ୍ଷରେ ପ୍ରୋତ୍ସାହିତ କରିବ ବୋଲି ଶିକ୍ଷାବିତମାନେ ଆଶଙ୍କା ପ୍ରକାଶ କରିଛନ୍ତି।

## ଜେଟିଏସ୍ ପଦ ପୂରଣ ଦାବିରେ ଧାରଣା



ଭୁବନେଶ୍ୱର, ୨୩।୨(ସମିସ): କନିଷ୍ଠ ଶିକ୍ଷକ ସ୍କିମାଟିକ୍ (ଜେଟିଏସ୍) ଶିକ୍ଷକ ନିଯୁକ୍ତି ବିବାଦ ଥମିବାର ନାଁ ନେଉନି। ୨୦୨୪ ଅକ୍ଟୋବରରେ ପ୍ରାୟ ୧୩ ହଜାରରୁ ଅଧିକ ପଦରେ ନିଯୁକ୍ତି ଦିଆଯାଇଥିବାବେଳେ ୬୬୬୯ ପଦ ଖାଲି ରହିଛି। ଏସବୁ ପଦରେ ଆଶାୟୀ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସତ୍ତ୍ୱେ ରାଜ୍ୟ ସରକାର ପାଳନ କରୁ ନାହାନ୍ତି। ଏଣୁ ଆଜି ଆଶାୟୀ ପ୍ରାର୍ଥୀମାନେ ଗାନ୍ଧିମାର୍ଗରେ ଧାରଣା ଦେବା ସହ ସେମାନଙ୍କୁ ତ୍ୱରିତ ନିଯୁକ୍ତି ଦେବାକୁ ଦାବି କରିଛନ୍ତି।

ଆନ୍ଦୋଳନାକାରୀ ଆଶାୟୀଙ୍କ କହିବା କଥା ଖାଲି ରହିଥିବା କନିଷ୍ଠ ଶିକ୍ଷକ ସ୍କିମାଟିକ୍ ଶିକ୍ଷକ ପଦରେ ନିଯୁକ୍ତି ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସତ୍ତ୍ୱେ ଗଣଶିକ୍ଷା ବିଭାଗ ପାଳନ କରୁ ନାହିଁ। ପ୍ରାୟ ଦେଢ଼ ବର୍ଷ ପରେ ମଧ୍ୟ ସେମାନଙ୍କୁ ନିଯୁକ୍ତି ଦିଆ ନଯିବା ଦୁର୍ଭାଗ୍ୟଜନକ ବୋଲି କହିବା ସହ ସରକାରଙ୍କ ମେଧାବୀ ମାରଣ ନୀତିକୁ ବିରୋଧ କରିଛନ୍ତି। ସେମାନଙ୍କୁ ନିଯୁକ୍ତି ଦେବାପାଇଁ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ସପରିବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଆନ୍ଦୋଳନକାରୀଙ୍କ ସହ ଗଣଶିକ୍ଷା ବିଭାଗ ସଚିବ ଏନ୍ ଥିରୁମାଳା ନାଏକ ଆଲୋଚନା କରିଛନ୍ତି। ବିଳମ୍ବ ହୋଇଥିଲେ ମଧ୍ୟ ଏକ କମିଟି ଗଠନ କରି ସେମାନଙ୍କ ଦାବି ଓ କୋର୍ଟଙ୍କ ରାୟକୁ ବିଚାର କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଧାରଣାରତ ଆଶାୟୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଏମ୍ସରେ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଉଦ୍‌ଘାଟିତ




ଭୁବନେଶ୍ୱର, ୨୩।୨(ସମିସ): ଏମ୍ସ ଭୁବନେଶ୍ୱରରେ ଅତ୍ୟାଧୁନିକ ଯକୃତ ପ୍ରତିରୋପଣ (ଲିଭର ଟ୍ରାନ୍ସପ୍ଲାଣ୍ଟ) ୟୁନିଟ୍ ସହ ଏକ ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ବ୍ୟବସ୍ଥା ଆରମ୍ଭ ହୋଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଭର୍ଚୁଆଲ୍ ମାଧ୍ୟମରେ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଏବଂ ପ୍ରତିଷ୍ଠାନରେ ଉନ୍ନତ ରୋବୋଟିକ୍ ସର୍ଜରୀ ସିଷ୍ଟମକୁ ଉଦ୍‌ଘାଟନ କରିଛନ୍ତି।

ଶ୍ରୀ ନଡ୍ଡା କହିଛନ୍ତି ଯେ ଏମ୍ସ ଭୁବନେଶ୍ୱରର ଗୌରବମୟ ଦଶନ୍ଧିରୁ ଊର୍ଦ୍ଧ୍ୱ ଯାତ୍ରାରେ ଏହା ଆଉ ଏକ ମାଇଲଖୁଣ୍ଟ। ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଦ୍ରୁତଗତିରେ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନରେ ଉତ୍କର୍ଷ କେନ୍ଦ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିଛି। ଏହି ନୂତନ ବ୍ୟବସ୍ଥାଗୁଡ଼ିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବରେ ମଜଭୁତ କରିବ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନର ଗୁଣବତ୍ତା ବୃଦ୍ଧି କରିବ। ଏହା ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ରୋଗୀଙ୍କ ପାଇଁ ଉନ୍ନତ, ବିଶ୍ୱସ୍ତରୀୟ, ଜୀବନ ରକ୍ଷାକାରୀ ଚିକିତ୍ସା ସୁବିଧା ପ୍ରଦାନ କରିବ। ଅଙ୍ଗଦାନ ସହିତ ଜଡିତ ଜାତୀୟ ପ୍ରାଥମିକତା ଉପରେ ଆଲୋକପାତ କରି ଶ୍ରୀ ନଡ୍ଡା ନାଗରିକମାନଙ୍କୁ ସଚେତନ କରିବା ଏବଂ ଅଙ୍ଗଦାନକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବ ବୋଲି କହିଥିଲେ। ଯକୃତ ପ୍ରତିରୋପଣ ସୁବିଧା ପଶ୍ଚିମବଙ୍ଗ, ଆସାମ ଏବଂ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟ ସମେତ ଓଡ଼ିଶା ଏବଂ ପୂର୍ବ ଭାରତର ରୋଗୀମାନଙ୍କ ପାଖରେ ଶେଷ ପର୍ଯ୍ୟାୟ ଯକୃତ ରୋଗର ଉନ୍ନତ ଚିକିତ୍ସା ଆଣିବା ସହ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ରୋଗୀମାନଙ୍କ ପାଇଁ ବେଶ୍ ସହାୟକ ହେବ।

କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ, ଏମ୍ସ ଭୁବନେଶ୍ୱର ଅଧ୍ୟକ୍ଷା ଡ. ଅନୀତା ସକ୍ସେନା, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଙ୍କିତା ମିଶ୍ର ବୁନ୍ଦେଲା, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଯକୃତ ପ୍ରଦାନ କରିଥିବା ଦୁଇଜଣଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିନ୍ ଡ. ପି ଆର୍ ମହାପାତ୍ର, ଡ. ସତ୍ୟଜିତ ମିଶ୍ର, ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଂଜନ ତ୍ରିପାଠୀ, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ଅଭିଜିତ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

## ସୋଆ କ୍ରିଏଟିଭୋ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ




ଭୁବନେଶ୍ୱର, ୨୩।୨(ସମିସ):ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଅଧିନସ୍ଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍‌ର ସାମାଜିକ ଓ ସାଂସ୍କୃତିକ ଶାଖା କ୍ରିଏଟିଭୋ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ୨୦୨୬ ପାଳିତ ହୋଇଯାଇଛି। ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଫେସର ସନ୍ତୋଷ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଆବାହକ ଡ. ଭୁବନାନନ୍ଦ ଅଧିକାରୀଙ୍କ ସଂଯୋଜନା କରିଥିଲେ। ଉତ୍ସବରେ କ୍ରିଆଟିଭୋ ଉପଦେଷ୍ଟା ପ୍ରଫେସର ବିବୁଧ ପରାଶର, ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ, ବରିଷ୍ଠ ପ୍ରଫେସର ଡ. ସରୋଜ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନରେ ଡ. ସୁବ୍ରତ ସେନାପତିଙ୍କ ସଂଯୋଜନାରେ ଓଡ଼ିଆ କବିତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ନନ୍ଦିତା ଜେନା ଓ ଡ. ଅମ୍ବରିଶ ମଙ୍ଗରାଜ ବିଚାରକ ଭାବେ ଯୋଗ ଦେଇଥିଲେ। ଶେଷରେ ଡ. ବିଦ୍ୱାନ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରାଦ୍ଧବାର୍ଷିକୀରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୩।୨(ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଜି ୧୨୦ ବାଟାଲିୟନ ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ ତଥା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନାତି କନକ ବର୍ଦ୍ଧନ ସିଂହଦେଓ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି, ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହଦେଓ ୧୯୬୭ ରୁ ୧୯୭୧ ମସିହା ପର୍ଯ୍ୟନ୍ତ ଓଡ଼ିଶାର ୭ମ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ




କରି ଓଡ଼ିଶାର ବିକାଶ ଓ ଶାସନରେ ବହୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଯାଇଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସୁକନ୍ୟା କ୍ରିଷ୍ଣାପ୍ରିୟା ଦେବୀ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସଂସ୍କୃତି ବିଭାଗ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସ୍ମୃତିଚାରଣ କରିଛନ୍ତି।

## ମ୍ୟାନେଜମେଣ୍ଟ ସ୍କୁଲ ପକ୍ଷରୁ 'ଯୁଗ୍ମ' ପ୍ରତିଯୋଗିତା

ହଂସପାଳ, ୨୩।୨(ସମିସ): ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ଶ୍ରୀମାଙ୍କ ଜନ୍ମ ଦିବସ ଅବସରରେ ଜାତୀୟ ସ୍ତରୀୟ ଦଶମ ସଂସ୍କରଣ ବାଗ୍ମୀତା 'ଯୁଗ୍ମ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଉପଦେଷ୍ଟା ଭାଗିରଥି ମହାପାତ୍ର ଶ୍ରୀମା ଶ୍ରୀ ଅରବିନ୍ଦଙ୍କର ଦୃଷ୍ଟିଭଙ୍ଗୀ ରେ ଶିକ୍ଷାର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ସିଏଚଡିଏନଏଲଆରର ପରିଚାଳନ ନିର୍ଦ୍ଦେଶକ ଡଃ ଆରକେଏସ ମଙ୍ଗେସ ଦାସ ମୁଖ୍ୟ ଅତିଥି ଓ ଚାଟାର୍ଡ ଆକାଉଣ୍ଟାଣ୍ଟ ସୁନୀତା ଭଟ୍ଟାଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ୨୪ରୁ ସନ୍ତୋଷୀ ମାତାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ନନ୍ଦନକାନନ, ୨୩।୨(ସମିସ): ପଟିଆ ହରିହର ବିହାର ଶ୍ରୀଶ୍ରୀ କକ୍ଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ସନ୍ତୋଷୀ ମାତାଙ୍କ ଭବ୍ୟ ମନ୍ଦିର ତଥା ମାଆଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ୨୪ତାରିଖ ଠାରୁ ୨୭ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା ପରିଷଦ ତରଫରୁ କୁହାଯାଇଛି। ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟସୂଚୀ ଅନୁଯାୟୀ ୨୪ ତାରିଖ ମଙ୍ଗଳବାର ମନ୍ଦିର ରତ୍ନମୁଦ, ଅଙ୍କୁରାରୋପଣ (ସକାଳ ୯ ଘଟିକା), ୨୫ତାରିଖ ବୁଧବାର କଳସଯାତ୍ରା (ସକାଳ ୬ ଘଟିକା), ଯଜ୍ଞ କର୍ମ ଆରମ୍ଭ, ମାଆଙ୍କ ମନ୍ଦିର ପ୍ରତିଷ୍ଠା, ୨୬ତାରିଖ ଗୁରୁବାର ସୂର୍ଯ୍ୟପୂଜା (ସକାଳ ୮ ଘଟିକା), ଗୋପୂଜା, ମାଙ୍କ ମହାସ୍ନାନ, ଶୟନ, ଜୀବନ୍ୟାସ ପ୍ରାଣ ପ୍ରତିଷ୍ଠା, ଭଜନ ସମାରୋହ ଓ୨୭ତାରିଖ ଶୁକ୍ରବାର ସୂର୍ଯ୍ୟପୂଜା, ଗୋପୂଜା, ମାଙ୍କ ଦର୍ଶନ, ପରିକ୍ରମା, ସିଂହାସନ ଆରୋହଣ ପୂର୍ଣ୍ଣାହୂତି (ସନ୍ଧ୍ୟା ୬ ଘଟିକା)। ଭଜନ ସମାରୋହ କାର୍ଯ୍ୟସୂଚୀ ସୁନାମଧନ୍ୟ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ବୁଧବାର 'ସାଇନାଥ ଭଜନ ସନ୍ଧ୍ୟା', ଗୁରୁବାର 'ଦେବଶ୍ରୀ ଭଜନ ସନ୍ଧ୍ୟା', ଶୁକ୍ରବାର 'ମେଘ ମହ୍ଲାର ଭଜନ ସନ୍ଧ୍ୟା' ଭକ୍ତି ସଙ୍ଗୀତ ପରିବେଷଣ କରିବାକୁ କାର୍ଯ୍ୟକ୍ରମ ରହିଥିବା ବେଳେ ଆୟୋଜକ ଶ୍ରୀ ଶ୍ରୀ କକ୍ଳେଶ୍ୱର ମହାଦେବ ଟ୍ରଷ୍ଟର ସଦସ୍ୟ ବୃନ୍ଦ ଏଥିରେ ଜନସାଧାରଣଙ୍କୁ ଯୋଗଦେବାକୁ ନିବେଦନ କରିଛନ୍ତି।

## ପୁରଣପଧାନ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ




ବାଲିଅନ୍ତା, ୨୩।୨(ସମିସ): ପୁରଣପ୍ରଧାନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନଅଭିଯୋଗ ଶୁଣାଣି ଶିବିର 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସାଂସଦ ଭୁବନେଶ୍ୱରଙ୍କ ପ୍ରତିନିଧି ବିଜୟ ମହାରଣା, ପୁରଣପ୍ରଧାନ ଗ୍ରାମ ପଞ୍ଚାୟତର ସରପଞ୍ଚ ଦୁର୍ଯ୍ୟୋଧନ ମଲ୍ଲିକ, ପୁରଣପ୍ରଧାନ ଗ୍ରାମ ପଞ୍ଚାୟତର ସମିତିସଭ୍ୟା ମମତା ମାହାରୀ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣିରେ ସର୍ବମୋଟ ୨୩ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୧୫ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୮ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସାଇବର୍ ସଚେତନତା

**ଛାପା ଗଣମାଧ୍ୟମ ଜିତିଲା କ୍ୟାପିଟାଲ କପ୍**

ଭୁବନେଶ୍ୱର, ୨୩।୨ (ସମିସ): କ୍ରିକେଟ ପ୍ରତିଯୋଗିତା ମାଧ୍ୟମରେ ସାଇବର ଓ ସାମାଜିକ ସଚେତନତା ବାର୍ତ୍ତାର ପ୍ରଚାର ଓ ପ୍ରସାର କରାଯାଇଛି। ସାଇବର୍ ସୁରକ୍ଷା, ଡିଜିଟାଲ ଦାୟିତ୍ୱବୋଧ ଓ ସାମାଜିକ ସଚେତନତାକୁ ଆଧାର କରି ରାଜଧାନୀର ୮ଟି ପେସାଦାର ଟିମ୍ ଯଥା କମିଶନରେଟ ପୁଲିସ୍, ଓଡ଼ିଶା ପୁଲିସ୍, ଓଡ଼ିଶା ଫାୟାର ସର୍ଭିସ, ଓଡ଼ିଶା ଜେଲ୍ସ, ଓଡ଼ିଶା ପ୍ରିଣ୍ଟ ମିଡିଆ (ଛାପା ଗଣମାଧ୍ୟମ), ଓଡ଼ିଶା ଇଲେକ୍ଟ୍ରୋନିକ୍ ମିଡିଆ, ଓଡ଼ିଶା ସେଲିବ୍ରିଟି କ୍ରିକେଟ ଟିମ୍ ଓ ଓଲ୍ଡ ଟାଉନ କ୍ରାଉନ୍ ଲେଜେଣ୍ଡସ ୱେଲଫେୟାର ଟ୍ରଷ୍ଟ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଓଡ଼ିଶା ପୁଲିସ୍ ଟିମ୍‌କୁ ପରାସ୍ତ କରି ଛାପା ଗଣମାଧ୍ୟମ ଚାମ୍ପିଅନ ହେବା ସହ କ୍ୟାପିଟାଲ କପ୍ ବିଜୟୀ ହୋଇଥିଲା। ରାଜ୍ୟର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଏଥିରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଗାରିମା ବୃଦ୍ଧି କରିଛନ୍ତି। ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ, ଜେଲ୍ ଡିଜି ସୁଶାନ୍ତ କୁମାର ନାଥ, ଡିଆଇଜି ବୀରେନ ସାହୁ, ଓଡ଼ିଶା ରାଜ୍ୟ ବାର୍ କାଉନ୍ସିଲ ସଦସ୍ୟ ଜ୍ଞାନରଞ୍ଜନ




ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ଝାରପଡ଼ା ସ୍ୱତନ୍ତ୍ର କାରାଗାରର ଅଧୀକ୍ଷକ ସର୍ବେଶ୍ୱର ସାହୁ, ମିଲକ୍ ମ୍ୟୁର ଜିଏମ୍ ରବୀନ୍ଦ୍ର ମହାରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଣ୍ଡାମାନ ଏକ୍ସପ୍ରେସ୍ର ଗଦାଧର ଦାସ, କର୍ପୋରେଟର ଶିବପ୍ରସାଦ ବେହେରା, ବିରଞ୍ଚି ନାରାୟଣ ମହାସୁପକାର, ଦେବବ୍ରତ ନାୟକ ଓ ଦେବ ଯୁଗଙ୍କ ଉପସ୍ଥିତି ଉଲ୍ଲେଖନୀୟ ଥିଲା। ଇଣ୍ଡିଆନ୍ ଆଇଡଲର ଜଜ୍ ଅଭିଜିତ ମିଶ୍ର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ଟ୍ରଷ୍ଟ ଅଧ୍ୟକ୍ଷ ନାରାୟଣ ମହାରଣା, ଜିତେନ୍ଦ୍ର ସାହୁ, ସୁପ୍ରିମକୋର୍ଟ ଅଧିବକ୍ତା ଚିନ୍ମୟ ମହାନ୍ତି, ରଞ୍ଜିତ ମହାରଣା, ବିଷ୍ଣୁକୁମାର ପ୍ରଧାନ ସମସ୍ତ ଅତିଥି ଓ ଖେଳାଳିମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଖେଳଓ୍ୱାଡ ମନୋଭାବ ସହ ସାଇବର ସୁରକ୍ଷା ଓ ଡିଜିଟାଲ ସଚେତନତା ବାର୍ତ୍ତା ପ୍ରସାରଣରେ ଏହି ଟୁର୍ଣ୍ଣାମେଣ୍ଟ ସଫଳ ହୋଇଛି।

**ମହିଳାଙ୍କ ନିଆରା କାରିଗରୀ**

## ଛେଳି ଚମଡ଼ାରେ ଆକର୍ଷଣୀୟ ଲାଇଟ୍

ଭୁବନେଶ୍ୱର, ୨୩।୨(ସମିସ): ଛେଳି ଚମଡ଼ାରେ ତଆରି ହୋଇଛି ବିଭିନ୍ନ ଆକର୍ଷଣୀୟ ଲାଇଟ୍। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ। ବେଡ୍ ଲାଇଟ୍ ଠାରୁ ଆରମ୍ଭ କରି ଟେବୁଲ ଲ୍ୟାମ୍ପ, ହ୍ୟାଙ୍ଗିଙ୍ଗ୍ ଲ୍ୟାମ୍ପ, ମ୍ୟୁଜିକ୍ ଲ୍ୟାମ୍ପ ଆଦି ବେଶ୍ ମନଲୋଭା ହୋଇଛି। ଏଭଳି ରଙ୍ଗବେରଙ୍ଗର ଆକର୍ଷଣୀୟ ଲାଇଟ୍ ଦେଖିବାକୁ ମିଳିଛି ଚଳିତ ବର୍ଷ ତୋଷାଳୀ ସ୍ୱଦେଶୀ ମେଳାରେ। ଜନତା ମଇଦାନରେ ଅନୁଷ୍ଠିତ ହେଉଥିବା ଏହି ମେଳାରେ ଭଳି କି ଭଳି ଆକର୍ଷଣୀୟ ସମାଗ୍ରୀ ରହିଥିବା ବେଳେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛି ଏହି ନିଆରା ଲାଇଟ୍।

ଚଳିତ ବର୍ଷ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ହସ୍ତକଳା ଓ ହସ୍ତଶିଳ୍ପ ପ୍ରଦର୍ଶନ ନିମନ୍ତେ ୯୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ରହିଛି। ବିଭିନ୍ନ ରାଜ୍ୟର ହସ୍ତତନ୍ତ ଏବଂ ହସ୍ତକଳା ପ୍ରତି ଲୋକଙ୍କର ବେଶ୍ ଆଦୃତି ବଢୁଛି। ତେବେ ଆନ୍ଧ୍ରପ୍ରଦେଶର ଚମଡ଼ା କରିଗରୀ ପ୍ରତି ଗ୍ରାହକମାନେ ଆକୃଷ୍ଟ ହେଉଥିବା ଦେଖିବାକୁ ମିଳିଛି। ମେଳା ପରିସରରେ ଆନ୍ଧ୍ର ପ୍ରଦେଶର ଏସ୍ ରାଧାଙ୍କ ଦ୍ୱାରା ଖୋଲାଯାଇଥିବା ଏକ ଷ୍ଟଲରେ ଛେଳି ଚମଡ଼ାରୁ ପ୍ରସ୍ତୁତ ବିଭିନ୍ନ କାରିଗରୀ ଦେଖିବାକୁ ମିଳିଛି। ଷ୍ଟଲରେ ରହିଛି ୫୦୦ରୁ ଊର୍ଦ୍ଧ୍ୱ ଛୋଟ ବଡ଼ ବିଭିନ୍ନ ଡିଜାଇନ୍‌ର ଲାଇଟ୍। ତେବେ ଚର୍ମ କାରୀଗରୀ ଆନ୍ଧ୍ରପ୍ରଦେଶର



ଏକ ପାରମ୍ପରିକ କଳା। କଣ୍ଢେଇ ଛାୟା ନୃତ୍ୟରେ ଏହି ଚମଡ଼ା ଚିତ୍ରକାରୀକୁ ବ୍ୟବହାର କରାଯାଇଥାଏ। ରାମାୟଣ, ମହାଭାରତରେ ଏହି ଚମଡ଼ାରେ ବିଭିନ୍ନ ପାରମ୍ପରିକ କଥାବସ୍ତୁକୁ ଅଙ୍କାଯାଇ ପରିବେଷଣ କରାଯାଏ। ପୂର୍ବରୁ କେବଳ କଣ୍ଢେଇ ନାଚ ପାଇଁ ଏହି ଚିତ୍ରକାରୀକୁ ବ୍ୟବହାର କରାଯାଉଥିବାବେଳେ ଏବେ ଲାଇଟ୍ ଲ୍ୟାମ୍ପ ତିଆରି କରାଯାଇଛି। ରାଧାଙ୍କ କହିବା ଅନୁସାରେ, ଛେଳି ମାଂସ କଟାଯିବା ସମୟରେ ବାହାର କରାଯାଉଥିବା ଚମଡ଼ାକୁ ସଂଗ୍ରହ କରାଯାଏ। ତାହାକୁ ଭଲ ଭାବରେ ପରିଷ୍କାର କରାଯାଇ ଶୁଖାଯାଏ। ପରେ ସେଥିରେ ଲାଇନିଂ ଆର୍ଟ ମାଧ୍ୟମରେ ବିଭିନ୍ନି ଡିଜାଇନ୍‌କୁ ଅତି ନିଖୁଣଭାବେ ଶିଳ୍ପୀମାନେ ଆଙ୍କିଥାନ୍ତି। ଏଥିରେ ସାଧାରଣତଃ ବ୍ରସ୍ ଏବଂ ଫ୍ୟାବ୍ରିକ୍ କଲର୍ ବ୍ୟବହାର କରାଯାଇଥାଏ। ତେବେ ଏଥିରେ ପଟ୍ଟଚିତ୍ର କାରିଗରୀ ମଧ୍ୟ ଦେଖିବାକୁ ମିଳିଛି। ଯାହାକୁ କେବଳ କିଣିବାକୁ ନୁହେଁ ବରଂ ଦେଖିବାକୁ ମଧ୍ୟ ବହୁ ସଂଖ୍ୟାରେ ଲୋକେ ଷ୍ଟଲରେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି। ଏହା ଆକର୍ଷଣୀୟ ହେବା ସହ ବର୍ଷ ବର୍ଷ ଧରି ନଷ୍ଟ ହେବ ନାହିଁ ବୋଲି ସେ କହିଛନ୍ତି। ତେବେ ଛୋଟବଡ଼ ଲାଇଟ୍ ସାଙ୍ଗକୁ ୱାଲ ହ୍ୟାଙ୍ଗିଙ୍ଗ୍, ୱାଲ୍ ପେଣ୍ଟିଂ ମଧ୍ୟ ରହିଛି। ଏହିସବୁ ସାମଗ୍ରୀର ମୂଲ୍ୟ ୩ଶହ ଟଙ୍କାରୁ ଆରମ୍ଭ ହୋଇ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଏହା ଚମଡ଼ାରେ ତିଆରି ହୋଇଥିଲେ ମଧ୍ୟ ସେଥିରୁ କୌଣସି ଦୁର୍ଗନ୍ଧ କିମ୍ବା ସଂକ୍ରମଣ ଭୟ ନଥିବା ସେ କହିଛନ୍ତି। ହେଲେ ଏହି ସାମଗ୍ରୀ ଗୁଡ଼ିକ ଉପରେ ଯଦି ସୂର୍ଯ୍ୟକିରଣ ପଡ଼େ ତେବେ ତାହା ଦୁର୍ଗନ୍ଧ ହେବାର ସମ୍ଭାନା ରହିଛି ବୋଲି ସେ କହିଛନ୍ତି।



● ଏୟାରପୋର୍ଟ ଥାନା ପଳାସପଲ୍ଲୀ ଓଭର୍‌ବ୍ରିଜ ତଳେ ଅଭାବନୀୟ ଘଟଣା

# ସାଇକେଲ ଆରୋହୀଙ୍କୁ ଚଢ଼ାଇଲା ଆମ ବସ୍

ଭୁବନେଶ୍ୱର, ୨୩।୨(ସମିସ): ପୁଣି ଆମ ବସ୍‌କୁ ନେଇ ଜନ ଅସନ୍ତୋଷ। ଆମ ବସ୍ ଦୁର୍ଘଟଣା ଘଟାଇବା ଯୋଗୁଁ ଜଣେ ସାଇକେଲ ଆରୋହୀଙ୍କୁ ଗୁରୁତର ଆହତ ହୋଇଛନ୍ତି। ସାଇକେଲ ଆରୋହୀଙ୍କ ଗୋଡ଼ ଭାଙ୍ଗିଯାଇଥିବା ଯୋଗୁଁ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ବ୍ୟକ୍ତି ଜଣକ କାରଗିଲ ବସ୍ତିର ରମେଶ ପାତ୍ର।

ବସ୍‌ଟି ୨୫ ନମ୍ବର ରୁଟ୍ ଯାତାୟତ କରୁଥିଲା। ଭିଏଏସ୍‌ଏସ୍ ନଗର ଡୁମୁଡୁମା ଅଭିମୁଖେ ଯାତ୍ରା କରୁଥିଲା।

**ବସ୍ ଭଙ୍ଗାରୁଜା କଲେ ଉତ୍ତ୍ୟକ୍ତ ଲୋକେ**





ପଳାସପଲ୍ଲୀ ଓଭରବ୍ରିଜ୍ ନିକଟରେ ସାଇକେଲ୍ ଚାଳନା କରୁଥିବା ବୃଦ୍ଧଙ୍କୁ ପଛପଟୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯିବାରୁ ତାଙ୍କୁ ଗୋଡ଼ ଉପରେ ଚଢାଇ ଦେଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ପ୍ରଥମେ 'ଆମ ବସ' ଭଙ୍ଗାରୁଜା କରିବା ସହ ଡ୍ରାଇଭରଙ୍କୁ ପ୍ରବଳ ମାଡ଼ ମାରିଥିଲେ। ସରକାରଙ୍କ ପରିଚାଳନାଗତ ତ୍ରୁଟିକୁ ନିନ୍ଦା କରିଥିଲେ। ଜଣେ ସ୍ଥାନୀୟବାସିନ୍ଦାଙ୍କ କହିବା ଅନୁଯାୟୀ ଏହି ସରକାର କେବଳ ରଙ୍ଗ ମାରି ୫ବର୍ଷ କାଟିଦେବେ। ଏହା ଛଡା ତାଙ୍କୁ ଆଉ କିଛି ବି ଜଣାନାହିଁ।

ଖବର ପାଇ ପୁଲିସ ପହଞ୍ଚିବା ପରେ ଡ୍ରାଇଭରକୁ ଉଦ୍ଧାର କରି ଥାନାକୁ ନେଇଥିଲେ। ହେଲେ ଲୋକଙ୍କୁ ତାତି କମିନଥିଲା। ସେମାନେ ବସର କାଚକୁ ଭଙ୍ଗାରୁଜା କରିବା ପରେ ବସ୍‌ରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିବା ପରେ ପୁଲିସ ଅଗ୍ନିଶମ ଗାଡ଼ିକୁ ଡାକି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ନିଆଁ ଲିଭାଇବା ପୂର୍ବରୁ ବସ ଅଧା ପୋଡ଼ିଯାଇଥିଲା। ତେବେ ଡ୍ରାଇଭର ମଦ୍ୟପାନ କରି ବେପରୁଆ ଗାଡି ଚାଳନା କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୁଲିସ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଡାକ୍ତରୀ ପରିକ୍ଷା ପରେ ସ୍ୱଷ୍ଟ ହେବ ଡ୍ରାଇଭର ଜଣଙ୍କ ମଦ୍ୟପାନ କରିଛନ୍ତି ନାଁ ନାହିଁ।

## ଆସିଲାନି ପାଇପ ପାଣି; ସାରାଦିନ ଜଳକଷ୍ଟ

ଭୁବନେଶ୍ୱର, ୨୩।୨(ସମିସ): ଭୁବନେଶ୍ୱର ୟୁନିଟ୍ ୧ ଅଞ୍ଚଳରେ ଆଜି ସକାଳ ସାଢ଼େ ୬ଟାରୁ ପାଇପ ଜଳ ଯୋଗାଣ ବନ୍ଦ ଯୋଗୁଁ ସାରା ଦିନ ଲୋକେ ପାଣିପାଇଁ ଡହକବିକଳ ହୋଇଥିଲେ। ବିଶେଶକରି ୟୁନିଟ୍ ୧ ଅଞ୍ଚଳରେ ଥିବା ଜଗନ୍ନାଥ ବସ୍ତି ଏବଂ ତାଟି କଲୋନୀ ବସ୍ତିର ହଜାର ହଜାର ଲୋକ ପାଣି ପାଇଁ ହନ୍ତସନ୍ତ ହୋଇଥିଲେ। ଅନେକ ପରିବାରରେ ପାଣି ନ ଥିବାରୁ ରୋଷେଇ ହୋଇପାରି ନ ଥିଲା। ଅଧିକାଂଶ ବସ୍ତିବାସିନ୍ଦା ପାଣି ନ ପାଇଁ ସାରାଦିନ ଆଗାଧୁଆ ରହିଥିଲେ। କିଛିକିଛି ଲୋକେ ଅନ୍ୟବସ୍ତିକୁ ଯାଇ ଗାଧୋଇଥିବା ବେଳେ ଅନ୍ୟ ବସ୍ତିବାସିନ୍ଦାମାନେ ଦୂରରୁ ପାନୀୟ ଜଳ ବୋହି ଆଣିଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୩ଟା ବେଳକୁ ଜଳ ଯୋଗାଣ ସ୍ୱାଭାବିକ ହୋଇଥିଲା। ଏଥିସହିତ ଦୈନିକ ୧ ନମ୍ବର ହାଟରେ ମଧ୍ୟ ଜଳଯୋଗାଣ ବନ୍ଦ ରହିଥିଲା ଫଳରେ ବ୍ୟବସାୟୀମାନେ ଜଳାଭାବ ସମସ୍ୟାର ଶିକାର ହୋଇଥିଲେ।

ସତ୍ୟନଗର ଅଞ୍ଚଳରେ ଫାଇରିଂ ଘଟଣା

# କିଏ ଅଭିଯୁକ୍ତ? ବିଭୂତି ନାଁ ଦେବୀପ୍ରସାଦ

ଭୁବନେଶ୍ୱର, ୨୩।୨(ସମିସ): ରାଜଧାନୀର ସତ୍ୟନଗର ଅଞ୍ଚଳରେ ଘଟିଥିବା ବ୍ଲାଙ୍କ୍ ଫାଇରିଂ ଘଟଣାରେ ନୂଆ ମୋଡ଼ ନେଇଛି। ସାମାନ୍ୟ ବଚସାକୁ ନେଇ ରାଜଧାନୀ ଛାତି ଉପରେ ବ୍ଲାଙ୍କ୍ ଫାଇରିଂ ଭଳି ଘଟଣା ଘଟିଥିଲା। ଜଣେ ପାନ ଦୋକାନୀ ଖୁଚରା ମାତ୍ର ୫୦ ଟଙ୍କା ମାଗିବାରୁ ବ୍ଲାଙ୍କ୍ ଫାଇରିଂ କରାଗଲା। ବ୍ଲାଙ୍କ୍ ଫାଇରିଂ କରିଥିବା ବ୍ୟକ୍ତିଙ୍କ ନାମ ପୁଲିସ ବିଭୂତି କୁମାର ବଡ଼ଜେନା ବୋଲି ଦର୍ଶାଇଲା। ତାଙ୍କ ପାଖରେ ବନ୍ଧୁକର ସରକାରୀ ଲାଇସେନ୍ସ ଥିଲା। ଆତ୍ମରକ୍ଷା ପାଇଁ ବ୍ଲାଙ୍କ୍ ଫାଇରିଂ କରିଥିଲେ ବୋଲି ଖାରବେଳନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ତାଙ୍କ ବନ୍ଧୁକ ଜବତ କରିବା ସହ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା।

ସେପଟେ ବିଭୂତିଙ୍କ ନାଁକୁ ନେଇ ଏବେ ଚର୍ଚ୍ଚା ବଢ଼ିବାରେ ଲାଗିଛି। ତାଙ୍କ ନାଁ ବିଭୂତି ବଡଜେନା ନୁହେଁ ବରଂ ଦେବୀ ପ୍ରସାଦ ବଡ଼ଜେନା ବୋଲି ଚର୍ଚ୍ଚା ହୋଇଛି। ସେ ଜଣେ ରାଜନେତାଙ୍କ ଦୃଢ ସମର୍ଥକ। ପୁଲିସ ରାଜନୈତିକ ଚାପର ବସବର୍ତ୍ତି ହୋଇ ଏଭଳି କରିଥିବା ଅଭିଯୋଗ ହୋଇଛି। ଏଣୁ ତାଙ୍କ ନାଁ ପରିବର୍ତ୍ତନ କରି ପୁଲିସ ଗଣମାଧ୍ୟମକୁ ମିଛ କହିଛି ବୋଲି ଅଭିଯୋଗ ହୋଇଛି। ତାଙ୍କ ଫଟୋ ସହ ବିବାହ କାର୍ଡ ମଧ୍ୟ ବିଭିନ୍ନ ୱାର୍ଟସପ୍ ଗ୍ରୁପରେ ଘୂରି ବୁଲୁଛି।

ଅନ୍ୟପକ୍ଷରେ ଯଦି ତାଙ୍କ ନାଁ ସତରେ ବିଭୂତି ବଡଜେନା ନ ହୋଇ ଦେବୀ ପ୍ରସାଦ ହୋଇଥାଏ ତେବେ ତାଙ୍କୁ ବନ୍ଧୁକ ଲାଇସେନ୍ସ କିପରି ଜାରି କରାଗଲା? କେବେ ଠାରୁ ଏବଂ କେଉଁ କାରଣରୁ ତାଙ୍କୁ ବନ୍ଧୁକ ଲାଇସେନ୍ସ ଜାରି କରାଗଲା ବୋଲି ପ୍ରଶ୍ନ ଉଠୁଛି। କାରଣ ତାଙ୍କ ନାମରେ ଭୁବନେଶ୍ୱରର ଏକ ଥାନାରେ ଜୋରଦବଦସ୍ତି ଜମି କବଜ୍ଜା କରିବା ଭଳି ସଙ୍ଗିନ ଅଭିଯୋଗ ରହିଛି। ଏସମ୍ପର୍କରେ ଖାରବେଳନଗର ଥାନ ଅଧିକାରୀ ରଜନୀ କାନ୍ତ ମିଶ୍ର କହିଛନ୍ତି ଆମେ ବନ୍ଧୁକ ଜବତ କରିଛୁ। ତେବେ ତାଙ୍କ ନାମ ବିଭୂତି ବଡ଼ଜେନା। ତାଙ୍କ ନାମରେ ଭୁବନେଶ୍ୱର କୌଣସି ଥାନାରେ ମାମଲା ଥିବା ନେଇ କିଛି ସ୍ପଷ୍ଟ ହୋଇନାହିଁ।

● ହିଟ୍ ଆଣ୍ଡ ରନ୍: ଇନୋଭା ଧକ୍କାରେ ମହିଳା ମୃତ

# ଚାରିଆଡ଼େ ସିସିଟିଭି; ଡ୍ରାଇଭରକୁ ଖୋଜୁଛି ପୁଲିସ

ଭୁବନେଶ୍ୱର, ୨୩।୨(ସମିସ): ରାଜଧାନୀରେ ପୁଣି ଏକ ହିଟ୍ ଆଣ୍ଡ ମାମଲା ସାମ୍ନାକୁ ଆସିଛି। ଏକ ଇନୋଭା ଧକ୍କାରେ ଜଣେ ମହିଳାଙ୍କ ଜୀବନ ଯାଇଛି। ଭୁବନେଶ୍ୱର କୋର୍ଟ ସାମ୍ନା ଲୁଇସ୍ ରୋଡ଼ରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମୃତକ ହେଲେ ବଡ଼ଗଡ଼ ଥାନା ଅଞ୍ଚଳର ବବିତା ମହାନ୍ତି (୩୨)। ସ୍ୱାମୀ ମନୋଜ କୁମାର ଦାସଙ୍କ ଆଖି ଆଗରେ ବବିତା ଭୟଙ୍କର ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣା ଘଟାଇ ଇନୋଭା ଚାଳକ ଫେରାର ହୋଇଯାଇଛନ୍ତି। ଏନେଇ ମନୋଜଙ୍କ ପକ୍ଷରୁ ବଡ଼ଗଡ଼ ଥାନାରେ ଏତଲା ଦିଆଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅପରପକ୍ଷେ ମାଳମାଳ ସିସିଟିଭି ଲାଗିଥିଲେ ମଧ୍ୟ ଦୁର୍ଘଟଣା ଘଟାଇଥିବା ଅମାନିଆ ଡ୍ରାଇଭରକୁ ପୁଲିସ କିଭଳି ଚିହ୍ନଟ କରିପାରୁନି ତାକୁ ନେଇ ଉଠିଛି ପ୍ରଶ୍ନ।

ଦ୍ରୁତଗତିରେ ଯମ ଭଳି ମାଡି ଆସିଲା ଇନୋଭା କାର୍ ଦମ୍ପତି ମନୋଜ ଓ ବବିତାଙ୍କ କୋର୍ଟରେ କୌଣସି ଏକ ମାମଲାକୁ ନେଇ କାମ ଥିଲା। ସେମାନେ ପୂର୍ବାହ୍ଣରେ ବାଇକରେ ଘରୁ ଆସିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଲୁଇସ୍ ରୋଡ଼ ପାର୍ଶ୍ୱରେ ସେମାନେ ବାଇକ ରଖିଥିଲେ। ଏହାପରେ ସ୍ୱାମୀ ସ୍ତ୍ରୀ କୋର୍ଟ ପାର୍ଶ୍ୱକୁ ଚାଲି ଚାଲି ଯାଇଥିଲେ। ଏହି ସମୟରେ ଇନୋଭାଟି କଳ୍ପନା ଛକ ପଟୁ ଦ୍ରୁତଗତିରେ ମାଡି ଆସିଥିଲା। ବବିତାଙ୍କୁ ଗାଡିଟି ଶକ୍ତ ଧକ୍କା ଦେଇଥିଲା। ବବିତା ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଉପରେ ଇନୋଭା ଚକା ଚଢିଯାଇଥିଲା। ସ୍ଥାନୀୟ ଲୋକମାନେ ଗାଡିକୁ ଧରିବାକୁ ଚାହୁଁଥିବା ବେଳେ ଚାଳକ ଦ୍ରୁତଗତିରେ ରବି ଟକିଜ ଆଡ଼କୁ ଚାଲିଯାଇଥିଲେ। ଫଳରେ ଦୁର୍ଘଟଣା ଘଟାଇଥିବା ଗାଡିକୁ ଲୋକମାନେ ଧରି ପାରି ନ ଥିଲେ। ଗୁରୁତର ବବିତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୁଲିସ ପହଞ୍ଚିଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲା।

ତେବେ ଗାଡ଼ିକୁ ଧରିବାକୁ ପୁଲିସ ତଦନ୍ତ ଆରମ୍ଭ କରିଛି। ଏକାଧିକ ସିସିଟିଭି ଯାଞ୍ଚ ହେଉଛି। ବଡ଼ଗଡ଼ ଥାନାଧିକାରୀ ତୃପ୍ତିରଞ୍ଜନ ନାୟକ କହିଛନ୍ତି, ଘଟଣାକୁ ଆମେ ଗୁରୁତର ସହ ନେଇଛୁ। ଚାଳକ ଗାଡି ନେଇ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣାସ୍ଥଳ ଓ ଗାଡିଟି ଯାଇଥିବା ରୁଟର ସିଟିଟି ଯାଞ୍ଚ କରୁଛୁ। ବହୁତ ଶୀଘ୍ର ଗାଡିକୁ ଚିହ୍ନଟ କରାଯାଇ ଚାଳକଙ୍କୁ ଗିରଫ କରାଯିବ।

## ପଞ୍ଚମ ମାମଲାରେ ଜମି ମାଫିଆ ଗୟାଧରଙ୍କୁ ସଜା

ଭୁବନେଶ୍ୱର, ୨୩।୨(ସମିସ): କୁଖ୍ୟାତ ଜମି ମାଫିଆ ଗୟାଧର ଜେନା ଲଗାତାର ୫ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛି। ଭୁବନେଶ୍ୱରସ୍ଥିତ ଜେଏମଏଫସି (ଚତୁର୍ଥ) ର ବିଚାରପତି ସୋମେଶ ସୌମ୍ୟଜିତ ପଣ୍ଡା ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଜମି ଜାଲିଆତି ମାମଲାର ବିଚାର କରି ଆସାମୀ ଗୟାଧରଙ୍କୁ ସଜା ଶୁଣାଇଛନ୍ତି। ଅଦାଲତ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୫ ମାସର କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ। ପୁଲିସ ସୂଚନାନୁଯାୟୀ, ଆଇଆରସି ଭିଲେଜର ନିବେଦିତା ଜଗଦ୍ଦେବ ୨୦୦୮ ମସିହାରେ ଜମି କିଣିବା ପାଇଁ ଯୋଜନା କରୁଥିବା ବେଳେ ଶାରଳା ରିଅଲକନର ମାର୍କେଟିଙ୍ଗ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ମୁଦୁଲିଙ୍କ ସହିତ ପରିଚୟ ହୋଇଥିଲା। କୈଳାଶ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ୍ ସ୍ଥିତ ନିବେଦିତାଙ୍କ ବାପାଙ୍କ ଅଫିସକୁ ଯାଇ ଝାରପଡ଼ା ମୌଜାରେ ଥିବା ପ୍ଲଟ୍ ବିକ୍ରି ସମ୍ବନ୍ଧରେ କଥା ହୋଇଥିଲେ। ସେହି ପ୍ଲଟ୍‌ଗୁଡ଼ିକ ମୂଳ ମାଲିକଙ୍କ ଠାରୁ ଜେନେରାଲ୍ ପାୱାର ଅଫ୍ ଆଟର୍ଣ୍ଣି ମାଧ୍ୟମରେ ନେଇଥିବା କଥା କୈଳାଶ କହିଥିଲେ। ଏହାପରେ ନିବେଦିତା ଓ ତାଙ୍କ ବାପା ଶାରଳା ରିଅଲକନର ଅଫିସକୁ ଯାଇ ପରିଚାଳନା ନିର୍ଦ୍ଦେଶକ ଗୟାଧର ଜେନାଙ୍କୁ ଭେଟିଥିଲେ। ଆଲୋଚନା ପରେ ପ୍ଲଟର ମୂଲ୍ୟ ୮ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲା ଓ ସମ୍ପୂର୍ଣ୍ଣ ଟଙ୍କା ପରେ ଜମି ପଞ୍ଜିକରଣ ହେବ ବୋଲି ଗାୟାଧର କହିଥିଲା। ନିବେଦିତା ସମ୍ପୂର୍ଣ୍ଣ ଟଙ୍କା ଦେବାପରେ ଗୟାଧର ଜମି ପଞ୍ଜିକରଣ କରିଥିଲା। ନିବେଦିତା ଜମି କିଣିବା ପୂର୍ବରୁ ଗୟାଧର ପାଖରେ ଜମିର ମାଲିକାନା ନ ଥିଲା ଓ ପାୱାର ଅଫ୍ ଆଟର୍ଣ୍ଣି ବାତିଲ୍ ହୋଇଯାଇଥିଲା ବୋଲି ଯାଞ୍ଚରୁ ଜାଣିବାକୁ ପାଇଥିଲେ। ନିବେଦିତାଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନା ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରିଣୀ ତତ୍କାଳୀନ ଏଏସ୍‌ଆଇ ଜୟନ୍ତୀ ସ୍ୱାଇଁ ଅଭିଯୁକ୍ତ ଗୟାଧରଙ୍କୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଅପହରଣ ମାମଲାରେ ପୁଲିସ ଅଜବ ତଦନ୍ତ

# ଅଭିଯୁକ୍ତ ଗିରଫ; ଅପହୃତାଙ୍କ ପତ୍ତା ମିଳୁନି

ଭୁବନେଶ୍ୱର, ୨୩।୨(ସମିସ): ରାଜଧାନୀରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ନେଇ ଏବେ ପ୍ରଶ୍ନ ଉଠିବାରେ ଲାଗିଛି। ଗତ କିଛିଦିନ ମଧ୍ୟରେ ରାଜଧାନୀ ଭୁବନେଶ୍ୱରରେ ଏକାଧିକ ଅପହରଣ ମାମଲା ସାମ୍ନାକୁ ଆସିବାରେ ଲାଗିଛି। ଯେଉଁଥିରେ ଅପହରଣ ଅଭିଯୁକ୍ତମାନଙ୍କୁ ପୁଲିସ ପାଇ ଯାଉଛି। ହେଲେ ଅପହରଣ କେମିତି ହେଲା। ଅପହୃତା କୁଆଡେ ଗଲେ ପୁଲିସ ପତ୍ତା ଲଗାଇ ପାରୁନି। ଅପହରଣ କେମିତି ହେଲା ପଚାରିଲେ କେବଳ ତଦନ୍ତ ଚାଲିଛି ବୋଲି କହି କେବଳ ସମୟ ଗଡ଼ାଇ ଚାଲିଛି।

ଚନ୍ଦକା ଥାନା ପୁଲିସ ଏକ ୬ବର୍ଷର ଅପହରଣ ମାମଲାର ଖୋଲତାଡ଼ କରିଥିଲା। ବ୍ୟବସାୟୀ ବଳରାମ୍ ସାହାଣୀ ଅପହରଣ ମାମଲାରେ ତାଙ୍କ ଗାର୍ଲଫ୍ରେଣ୍ଡ ରଶ୍ମିତା ସ୍ୱାଇଁଙ୍କୁ ପୁଲିସ ଗତ ଜାନୁୟାରୀ ମାସରେ ଗିରଫ କରିଥିଲା। ୬ ବର୍ଷ ପରେ ନ୍ୟାୟ ମିଳିଲା ବୋଲି ଏହାକୁ ନେଇ କମିଶନରେଟ୍ ପୁଲିସ ବେଶ୍ ହେଡ୍‌ଲାଇନ୍‌ର ସାଉଁଟିଥିଲା। ହେଲେ ବଳରାମ୍ ସାହାଣୀ ମୃତ କିମ୍ବା ଜୀବିତ ପୁଲିସ ପତ୍ତା ଲାଗଇ ପାରି ନଥିଲା। ସେ କୁଆଡେ ଗଲେ ବି ପୁଲିସ କହି ପାରୁନି। ଏପରିକି ପୁଲିସ ଏହା ମଧ୍ୟରେ ରଶ୍ମିତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରି ସାରିଛି। ଏହାପରେ ବି ବଳାରାମ୍ ଲାପତା। ପରିବାର ଲୋକେ ବଳରାମଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି।

ଗତ ମାସ ୨୭ ତାରିଖରେ ସହିଦ ନଗର ଥାନା ପୁଲିସ ୨୦୨୪ ମସିହାର ଏକ ଅପହରଣ ମାମଲାର ତଦନ୍ତ ଭାର ନେବାକୁ ମନସ୍ଥ କଲା। ୨ବର୍ଷ ପରେ ୪୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା। ଶାନ୍ତିପଲ୍ଲି ବସ୍ତିର ସିଦ୍ଧାର୍ଥ ବାରିକ ଓରଫ ମୁନ୍ନାଙ୍କ ଅପହରଣ ମାମଲାର ଫାଇଲ ଖୋଲିବାକୁ ଲାଗିଲା। ଅଭିଯୋଗ ଅନୁଯାୟୀ, ଅଭିଯୋଗକାରିଣୀଙ୍କ ପୁଅ ସିଦ୍ଧାର୍ଥ ବିବାହ କରିଥିଲେ ମଧ୍ୟ ଦାମ୍ପତ୍ୟ କଳହ ହେତୁ ତାଙ୍କ ପତ୍ନୀ ଘର ଛାଡ଼ି ଯାଇଥିଲେ। ଗତ ମେ୨୦୨୪ ରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ମଣିନାଗେଶ୍ୱର ବସ୍ତିର ଗୀତାଞ୍ଜଳି କାହାଲି ଓରଫ ଡଲିଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ସେମାନଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିବା ପରେ ଉଭୟ ପ୍ରାୟ ସମୟ ଏକାଠି ରହୁଥିଲେ। ଗୀତାଞ୍ଜଳି କାହାଲିଙ୍କୁ ବ୍ୟବସାୟ କରିବା ପାଇଁ ୩୫, ୦୦୦ ଟଙ୍କା ଧାର ସୂତ୍ରରେ ଦେଇଥିଲେ। ସେ ସମୟରେ ମହିଳାଙ୍କ ସ୍ୱାମୀ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ୪ ମାସ ମଧ୍ୟରେ ଟଙ୍କା ଫେରେଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୁନର୍ବାର ଟଙ୍କା ଫେରାଇବା ଲାଗି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହାକୁ ନେଇ ସିଦ୍ଧାର୍ଥଙ୍କୁ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ମଣିନାଗେଶ୍ୱର ବସ୍ତିରେ ସିଦ୍ଧାର୍ଥଙ୍କୁ ଡାକି ଅପହରଣ କରାଗଲା। ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହୋଇଥିଲା। ହେଲେ ପ୍ରମାଣ ନ ମିଳିବାରୁ କୌଣସି ଗିରଫଦାରୀ ହୋଇ ପାରି ନଥିଲା।

ସେପଟେ ଅପରାଧସ୍ଥଳ ମଞ୍ଚେଶ୍ୱର ଥାନା ମଣିନାଗେଶ୍ୱର ବସ୍ତିରେ ଥିଲା। ହେଲେ ସହିନ ନଗର ଥାନା ପୁଲିସ ତଦନ୍ତ ଭାର ହାତକୁ ନେଲା। ଏଥିରେ ଜଣେ ମହିଳା ଅଭିଯୁକ୍ତ ଗୀତାଞ୍ଜଳୀ କାହାଲିଙ୍କୁ ଗିରଫ କଲା। କିନ୍ତୁ ଅପହୃତଙ୍କ ପତ୍ତା ଲଗାଇ ପାରିଲା ନାହିଁ। ସେ କୁଆଡେ ଗଲେ। ଏବେ କେଉଁ ପରିସ୍ଥିତିରେ ଅଛନ୍ତି ତାହାର ପତ୍ତା ପାଉନି ପୁଲିସ। ପୁଲିସର ଏହା କିଭଳି ନିତି ଯେଉଥିରେ ଅଭିଯୁକ୍ତ କୌଣସି ଅପରାଧ ପାଇଁ ଗିରଫ ହୋଇଯାଉଛନ୍ତି କିନ୍ତୁ ଅପହୃତାଙ୍କ ପତ୍ତା ମିଳୁନି। ତେବେ ଏଭଳି କରିବା ପଛରେ ଏକ ବଡ଼ ରହସ୍ୟ ଲୁଚି ରହିଛି ବୋଲି ଚର୍ଚ୍ଚା ହେଉଛି। ଅପହୃତାଙ୍କ ପରିବାର ଲୋକେ ନିଜ ପରିଜନଙ୍କୁ ନପାଇ ଘୁରି ବୁଲୁଛନ୍ତି। ବିଭିନ୍ନ ସ୍ଥାନରେ ଅଭିଯୋଗ କରି ପୁଲିସ ଉପରେ ଚାପ ପକାଉଛନ୍ତି। ପୁଲିସ ଚାପ ସମ୍ଭାଳି ନପାରି ଅଭିଯୁକ୍ତଙ୍କୁ ଗିରଫ କରୁ ଥିଲେ ମଧ୍ୟ ଅପହୃତାଙ୍କୁ ଖୋଜିବାରେ ବିଫଳ ହେଉଛି।

ପ୍ରଥମ ମାମଲାରୁ ଧରିପାରୁନି ପୁଲିସ

# ଆତଙ୍କ ଖେଳାଉଛନ୍ତି ଫେରାର ଅଭିଯୁକ୍ତ

ଭୁବନେଶ୍ୱର, ୨୩।୨ (ସମିସ): ରାଜଧାନୀରେ ଅପରାଧୀଙ୍କ ଉତ୍ପାତ ବଢୁଥିବା ବେଳେ ଆଇନଶୃଙ୍ଖଳା ହାତରୁ ଖସୁଛି। ପ୍ରତିଦିନ ଚୋରି, ଛିନତାଇ ଠାରୁ ଆରମ୍ଭ କରି ହଣାକଟା ଭଳି ଘଟଣା ସାମ୍ନାକୁ ଆସୁଛି। ପୁଲିସର କୋହଳ ମନୋଭାବ ଯୋଗୁଁ ଫେରାର ଅଭିଯୁକ୍ତମାନେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଆତଙ୍କ ଖେଳାଉଛନ୍ତି। ନେଡ଼ି ଗୁଡ଼ କହୁଣିକୁ ବୋହିବା ନ୍ୟାୟରେ ପ୍ରଥମ ଅପରାଧରୁ ଅଭିଯୁକ୍ତକୁ ଗିରଫ ନ କରିବା ପୁଲିସ ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି। ଗୋଟିଏ ମାମଲାରେ ଫେରାର ଥିବା ସମ୍ପୃକ୍ତ ଅଭିଯୁକ୍ତ ପରବର୍ତ୍ତୀ ସମୟରେ ଜଘନ୍ୟ କାଣ୍ଡ ଘଟାଉଛନ୍ତି। ପୁଲିସର ଖାମଖିଆଲି ମନୋଭାବ ଅଭିଯୁକ୍ତକୁ ଅପରାଧ ଘଟାଇବାକୁ ସୁଯୋଗ ଦେଉଥିବା ବେଳେ ଅଭିଯୋଗକାରୀ ମନରେ ଭୟ ସୃଷ୍ଟି ହେଉଛି। ନିକଟରେ ରାଜଧାନୀରେ ଘଟିଥିବା କେତେକ ଘଟଣାରୁ ଏହା ପ୍ରମାଣିତ ହୋଇଛି।

ସୂଚନା ଅନୁସାରେ, ଗତମାସ ୨୩ ତାରିଖ ରାତି ୧୧ଟା ୩୦ରେ ଭଗବାନପୁରର ତପନ ବେହେରା ଘରକୁ ଫେରୁଥିବା ବେଳେ ଗାଡ଼ି ସାଇଡ୍‌ମରାକୁ ନେଇ ସ୍ଥାନୀୟ ଅଞ୍ଚଳର ଆଦିତ୍ୟ ବେହେରା ଓରଫ୍ ବଣ୍ଟି ସହ ବଚସା ହୋଇଥିଲା। ବଣ୍ଟି ତାଙ୍କୁ ଭୟଙ୍କର ପରିଣାମର ଧମକ ଦେଇ ଘଟଣାସ୍ଥଳରୁ ପଳାଇଥିଲା। ତପନ ନିଜ କାରକୁ ରାମ ମନ୍ଦିର ନିକଟରେ ପାର୍କିଂ କରି ଘରେ ଶୋଇଥିଲେ। ରାତି ପ୍ରାୟ ୨ଟା ସମୟରେ ବଣ୍ଟି ତାଙ୍କ କାରରେ ନିଆଁ ଲଗାଇ ପୋଡ଼ି ଦେଇଥିଲା। ତପନଙ୍କ ଅଭିଯୋଗ କ୍ରମେ



ତମାଣ୍ଡୋ ଥାନା ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ ବଣ୍ଟିକୁ ଧରିପାରି ନ ଥିଲା। ଏହାର ୨୪ ଦିନ ପରେ ଅର୍ଥାତ୍ ଗତ ୧୬ ତାରିଖ ରାତିରେ ଫେରାର ଥିବା ବଣ୍ଟି ପୁଣିଥରେ ଆତଙ୍କ ଖେଳାଇଥିଲା। କାଫେ କାର୍ଟୁନ୍ ଆଗରେ ଗୋପୀନାଥ ଓ ଶନିଆଙ୍କୁ ଖଣ୍ଡାରେ ହାଣିଥିଲା।

ସେହିପରି ଗତ ନଭେମ୍ବର ୯ ତାରିଖ ଦିନ ଲକ୍ଷ୍ମୀସାଗର ଅଞ୍ଚଳର ଅଜୁ ବର୍ଦ୍ଧନ ଚାଲିଚାଲି ଘରକୁ ଫେରୁଥିଲେ। ସେହି ସମୟରେ ବୁଦ୍ଧ ନଗର ରେଙ୍ଗୀ ବସ୍ତିର ପ୍ରତୀକ ମେହେର୍ଡୋ ଓ ତାର ସହଯୋଗୀ ତାଙ୍କୁ ଖଣ୍ଡାରେ ହାଣିଥିଲେ। ଅଜୁ ଅଭିଯୋଗ କରିବା ପରେ ଲକ୍ଷ୍ମୀସାଗର ଥାନା ପୁଲିସ ମାମଲା ରୁଜୁ କରିଥିଲା। ହେଲେ ଅଭିଯୁକ୍ତ ପ୍ରତୀକକୁ ଧରିବାରେ ସଫଳ ହୋଇ ନ ଥିଲା। ପୁଲିସର ଅପାରଗତା ପ୍ରତୀକକୁ ଅପରାଧ ଘଟାଇବାକୁ ସୁଯୋଗ ଦେଇଥିଲା। ଡିସେମ୍ବର ୧୫ ତାରିଖ ରାତିରେ ମୋଚି ସାହିର ଗୀତା ଦାସଙ୍କ ଭଣଜା ଘର ସାମ୍ନାରେ ବସିଥିଲେ। ଠିକ୍ ସେହି ସମୟରେ ପ୍ରତୀକ ଓ ତା'ର ୫ ଜଣ ସହଯୋଗୀ ଆସି ତାଙ୍କୁ ଖଣ୍ଡା ଦେଖାଇ ଅପହରଣ କରି ନେଇଥିଲେ। ଫାଳିକିଆ ବସ୍ତିକୁ ଉଡ଼ାଇ ନେଇ ସେଠାରେ ଖଣ୍ଡାର ବେଣ୍ଟରେ ତାଙ୍କୁ ଆକ୍ରମଣ କରିଥିଲେ। ଗୀତାଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନା ପୁଲିସ ମାମଲା ରୁଜୁ କରିବା ସହ ପ୍ରତୀକକୁ ଗିରଫ କରିଥିଲା। ଏହି ଦୁଇଟି ଘଟଣାରେ କେବଳ ଗୋଟିଏ ଆଉ ଏକ ସମାନତା ସାମ୍ନାକୁ ଆସିଥିଲା। ବଣ୍ଟି ଓ ପ୍ରତୀକ ଉଭୟ ଅଭ୍ୟାସଗତ ଅପରାଧ ହୋଇଥିବା ବେଳେ ସେମାନଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିଲା।

କେବଳ ମାରପିଟ୍ କି ଗଣ୍ଡଗୋଳ ନୁହେଁ, ସମ୍ପତି ଜନିତ ଅପରାଧରେ ମଧ୍ୟ ସମାନ ଘଟଣା ପରିଲକ୍ଷିତ ହେଉଛି। ଅପରାଧିମାନେ ଗୋଟିଏ ସ୍ଥାନରୁ ସୁନା ଚେନ ଲୁଟ୍ କରୁଛନ୍ତି। ଅଭିଯୋଗ ପରେ ମାମଲା ରୁଜୁ ହେଉଥିଲେ ମଧ୍ୟ ପୁଲିସ ସେମାନଙ୍କୁ ତୁରନ୍ତ ଗିରଫ ନ କରିବା ଲୋକଙ୍କ ପାଇଁ ବିପଦଜନକ ସ୍ଥିତି ସୃଷ୍ଟି କରୁଛି। ଗୋଟିଏ ମାମଲାରେ ଗିରଫ ହୋଇନଥିବା ଲୁଟେରା ପରବର୍ତ୍ତୀ ସମୟରେ ସିରିଜ୍ ଲୁଟ୍ କରୁଥିବାର ନଜିର ରହିଛି। ଅଭିଯୁକ୍ତମାନେ ପ୍ରଥମରୁ ଛୋଟମୋଟ ଅପରାଧ ଘଟାଉଥିବାରୁ, ପୁଲିସ ଗୁରୁତ୍ୱ ଦେଉନାହିଁ କି ଗିରଫ କରୁନାହିଁ। ଫଳରେ ସେମାନେ ନିର୍ଭୟରେ ଲଗାତାର ଅପରାଧିକ କାଣ୍ଡ ଘଟାଉଛନ୍ତି।

## ଲିଙ୍ଗିପୁର ସୁପର୍ ମାର୍ଟରେ ଅଗ୍ନିକାଣ୍ଡ




ଭୁବନେଶ୍ୱର, ୨୩।୨(ସମିସ): ଧଉଳି ଲିଙ୍ଗିପୁରସ୍ଥିତ ନିକଟରେ ଥିବା ସୁପରମାର୍ଟର ତୃତୀୟ ମହଲାରେ ଭୟାବହ ଅଗ୍ନିକାଣ୍ଡ ଘଟି ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମ ହୋଇଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ବିଦ୍ୟୁତ ସର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଇଛି। ଅଗ୍ନିକାଣ୍ଡ ଖବର ପାଇଁ ଦୁଇଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ନିଆଁରେ କେତେ ପରିମାଣର ସାମଗ୍ରୀ ନଷ୍ଟ ହୋଇ ଜଣାପଡ଼ି ନ ଥିଲେ ମଧ୍ୟ ବିଶେଷତଃ କପଡ଼ାଜାତୀୟ ସାମଗ୍ରୀ ପୋଡ଼ି ଯାଇଥିବା ଅନୁମାନ କରାଯାଉଛି। ସୁପରମାର୍ଟ ବନ୍ଦ ଥିବାରୁ କୌଣସି ମୃତାହତ ହୋଇପାରି ନାହିଁ ବୋଲି କୁହାଯାଉଛି।



# ଭୁବନେଶ୍ୱର ସିଟି

# ବିଧାନସଭା ସମ୍ମୁଖରେ ଆଶା ସାଥୀଙ୍କ ବିକ୍ଷୋଭ


ଭୁବନେଶ୍ୱର, ୨୩ା୨(ସମିସ): କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧିନରେ ଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ୨୦୦୬ ମସିହାଠାରୁ ଆସା ଭାବେ ପ୍ରଥମେ ଗ୍ରାମାଞ୍ଚଳ ପରେ ସହରାଞ୍ଚଳ ଏବଂ ବସ୍ତିମାନଙ୍କରେ ନିଯୁକ୍ତି ଦିଆଯାଇଥିଲା। ଯେଉଁ ଆସା ମାନେ ନିଜ ନିଜ ଅଞ୍ଚଳରେ ଭଲ କାର୍ଯ୍ୟ କଲେ ସେମାନଙ୍କ ଯୋଗ୍ୟତା ଏବଂ କାର୍ଯ୍ୟଦକ୍ଷତାକୁ ଭିତ୍ତିକରି ସେମାନଙ୍କୁ ଜାତୀୟ ସ୍ୱାସ୍ଥ୍ୟମିଶନ ନିୟମ ଅନୁଯାୟୀ ଆଶା ସାଥୀ ଭାବେ ଚୟନ କରାଯାଇ ତାଲିମ ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ଆଶା କାର୍ଯ୍ୟ ସହିତ ଆଶାସାଥୀ କାର୍ଯ୍ୟ କରିବା ପାଇଁ ବାଧ ବୋଲି ନୋଟିସ ଲେଖାଯାଇଥିଲା। ତା ପ୍ରତି ବଦଳରେ ସେମାନଙ୍କୁ ଆଶା ସାଥୀ କାର୍ଯ୍ୟ ପାଇଁ ୩ ହଜାର ଟଙ୍କା ପ୍ରୋତ୍ସାହନ ରାଶି ରଖାଯାଇଥିଲା। ହେଲେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଶା କାର୍ଯ୍ୟ ଛାଡି ଆଶା ସାଥୀ ଭାବେ କାର୍ଯ୍ୟ କରିଆସୁଛନ୍ତି। କେନ୍ଦ୍ର ସରକାର ୮ ହଜାର ପ୍ରୋତ୍ସାହନ ରାଶି କରିଥିଲେ ମଧ ରାଜ୍ୟ ସରକାର କାହାକୁ ୨୮ ଶହ ଟଙ୍କା ତ କାହାକୁ ୩ ହଜାର ଟଙ୍କା ମନଇଚ୍ଛା ଦେଉଛନ୍ତି। ଏହାର ପ୍ରତିବାଦ ସ୍ୱରୂପ ଆଶା ସାଥୀମାନେ ୧୩ ଦଫା ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ବିଧାନସଭା ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାସହିତ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ ୧୩ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।




## ଆଦିବାସୀ କୃଷକଙ୍କ ଉଦ୍ୟୋଗରେ ପରିବର୍ତ୍ତନ ଆଣିଛି ଏଫିଓ

ଭୁବନେଶ୍ୱର, ୨୩ା୨(ସମିସ): ଓଡ଼ିଶାର ଆଦିବାସୀ ବହୁଳ କୋରାପୁଟ ଜିଲ୍ଲାର କ୍ଷୁଦ୍ର ଓ ସୀମାନ୍ତ ଚାଷୀମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ଉଦ୍ଦେଶ୍ୟରେ ୨୦୧୬ ମସିହାରେ ନନ୍ଦପୁର ବ୍ଲକ ସ୍ଥିତ ଜୈବିକଶ୍ରୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଗଠିତ ହୋଇଥିଲା। ସାମୁହିକ ଶକ୍ତିର ଆବଶ୍ୟକତାକୁ ସ୍ୱୀକାର କରି ୧୦ ଜଣ ପ୍ରଗତିଶୀଳ ଚାଷୀଙ୍କୁ ନେଇ ୧.୨୬ ଲକ୍ଷ ଟଙ୍କାର ଇକ୍ୟୁଟି ଅର୍ଥରୁ ବର୍ତ୍ତମାନ ୧୭୯ ଟି ଗ୍ରାମ ମଧ୍ୟରେ ଏହି ଏଫପିଓ ନିଜ କାର୍ଯ୍ୟ କ୍ଷମତାକୁ ବିସ୍ତାର କରିବା ସହିତ ଏହାର ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'ସେଣ୍ଟର ଅଫ ଏକ୍ସଲେନ୍ସ' ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର, କୋରାପୁଟ ସହାୟତାରେ ମାର୍ଗଦର୍ଶନ ଏବଂ ତାଲିମ ଭଳି ଅନେକ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଛି। ଶ୍ରୀଅନ୍ନ ଅଭିଯାନ ଯୋଜନାରେ ମଣ୍ଡିରେ ବାଜରା ଏବଂ ବିପଣନ ପ୍ରକ୍ରିୟାକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରୋତ୍ସାହନ ଦିଆଯାଉଛି।

## ପୁରୁଣା ଫଟୋ; ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୩ା୨ (ସମିସ): ପୁରୁଣା ଫଟୋ କେବଳ କାଗଜର ଖଣ୍ଡ କି ଚିତ୍ର ନୁହନ୍ତି। ସେସବୁ ଅତୀତର ଅଭୁଲା ସ୍ମୃତି ପରି ସବୁବେଳେ ସତେଜ। ଯାହା ମନକୁ ପୁଣିଥରେ ସେହି ସୁନେଲି ଦିନକୁ ନେଇଯାଏ। ଧୂଳି ଯମିଥିବା ସେହି ପୁରୁଣା ଫଟୋଟି କାହା ପାଇଁ ମିଠା ସ୍ମୃତି ପାଲଟେ ତ କାହା ପାଇଁ ଦେଖି ନଥିବା କାହାଣୀ ବା ଇତିହାସ। ସେହି ପୁରୁଣା ଦିନକୁ ଆଉଥରେ ମନେ ପକେଇବାକୁ ହିଁ ଆମର ଆଜିର ଏହି ଉପସ୍ଥାପନା।

ସାମାଜିକ ଗଣମାଧ୍ୟମରୁ ଆସିଥିବା ଏହି ଫଟୋଚିତ୍ରଟି ପୁରୁଣା ଭୁବନେଶ୍ୱର ଅଞ୍ଚଳର ଏବଂ ଫଟୋଟି ଅନେକ ବର୍ଷ ପୁରୁଣା ଅଟେ। ଯେଉଁଠି ଦେଖିବାକୁ ମିଳିଛି ଲିଙ୍ଗରାଜ ମନ୍ଦିର ନିକଟ ହାଟ ସାହି ପାଖରେ ଅବସ୍ଥିତ ଏକାଦଶ ଶତାବ୍ଦୀର ମହାକାଳ ମହାକାଳୀ ମନ୍ଦିର। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ ମାହାକାଳ ଏବଂ ମହାକାଳୀ ହେଉଛନ୍ତି ଲିଙ୍ଗରାଜଙ୍କ ପିତାମାତା।

## ପିସିସି ପକ୍ଷରୁ କାହ୍ନୁ ଚରଣ ଲେଙ୍କାଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୩ା୨(ସମିସ): ପୂର୍ବତନ କେନ୍ଦ୍ରମନ୍ତ୍ରୀ, ପୂର୍ବତନ ପିସିସି ସଭାପତି ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପିସିସି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଛି। ସୋମବାର କଂଗ୍ରେସ ଭବନଠାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ୱର୍ଗତ ଲେଙ୍କାଙ୍କ ଆତ୍ମାର ସଦଗତି କାମନା ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ମୃତି ଚାରଣ କରି ଶ୍ରୀ ଦାସ କହିଛନ୍ତି ଯେ ସ୍ୱର୍ଗତ ଲେଙ୍କା କଂଗ୍ରେସ ପ୍ରତି ଜଣେ ସମର୍ପିତ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ଦାୟିତ୍ୱକୁ ସେ ନିର୍ବାହ କରିବାରେ ସର୍ବଶ୍ରେଷ୍ଠ ପରାକାଷ୍ଠା ଦେଖାଇଛନ୍ତି। ତାଙ୍କର ବିଚାରଧାରା, ସାଂଗଠନିକ ଦକ୍ଷତା ଓ ସମର୍ପଣ ଭାବ ପ୍ରତ୍ୟେକ କଂଗ୍ରେସ କର୍ମୀ ଆପଣାଇ ପାରିଲେ ତାହା ସ୍ୱର୍ଗତ ଲେଙ୍କାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବବୋଲି ଶ୍ରୀ ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ପ୍ରକାଶ ଜେନା, ବିଜୟଲକ୍ଷ୍ମୀ ସାହୁ, ବାଙ୍କନିଧି ବେହେରା, ଅଭୟ ସାହୁ, ଅମିୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

## ପଟିଆ ଶିରିଡ଼ି ସାଇ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ

ନନ୍ଦନକାନନ, ୨୩ା୨(ସମିସ): ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ପଟିଆ ଶିରିଡ଼ି ସାଇ ମନ୍ଦିରର ୧୪ତମ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନ ସାଇଶକ୍ତି ଟ୍ରଷ୍ଟ ଓ ପଟିଆ ଗ୍ରାମବାସୀ ବୃନ୍ଦ ଉତ୍ସବକୁ ଧୁମଧାମ ସହିତ ପାଳନ କରିବାକୁ ବିବିଧ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି ଅବସରରେ ଏଠାରେ ପବିତ୍ର ଯଜ୍ଞ ଆହୁତ କରାଯାଇଛି। ଯଜ୍ଞ କାର୍ଯ୍ୟସୂଚୀ ଅନୁସାରେ ଶୁକ୍ରବାର ଅଙ୍କୁରରୋପଣ, ନବବ୍ୟୂହ ପୂଜା, ଶନିବାର କଳସ ଯାତ୍ରା, ରବିବାର) ସୂର୍ଯ୍ୟ ପୂଜା ଏବଂ ସୋମବାର ସୂର୍ଯ୍ୟ ପୂଜା ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁସାରେ ପ୍ରତି ସନ୍ଧ୍ୟା ୭ ଘଟିକାରେ ପ୍ରବଚକ- ଡ଼. ଗୁରୁ ପ୍ରସାଦ ମହାପାତ୍ର ପ୍ରବଚନ ପରିବେଷଣ କରିଥିଲେ। ୨୨ତାରିଖରେ ଶିଶୁ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ମଙ୍ଗଳ ଆଳତୀ ଭଜନ ସନ୍ଧ୍ୟା ଦ୍ୱାରା ଅଞ୍ଜଳୀ ଦତ୍ତ, ଇପ୍ସିତା ପୂଜାପଣ୍ଡା, ସନତ ପାଣିଗ୍ରାହୀ, କୁମାର ବାପି ଏବଂ ସାଥି କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା ବୋଲି ଆୟୋଜକ କମିଟି ତରଫରୁ ମିହିର କୁମାର ରାଉତ ପ୍ରକାଶ କରିଛନ୍ତି।




## ପ୍ଲାଷ୍ଟିକ୍ ମୁକ୍ତ ସମାଜ ଉଦ୍ଦେଶ୍ୟରେ କର୍ମଶାଳା




ଭୁବନେଶ୍ୱର, ୨୩ା୨(ସମିସ):ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନସେସ୍ (ଆଇଏଏସ୍) ପକ୍ଷରୁ ଜାତୀୟ ସେବା ସଂସ୍ଥା ଏନ୍.ଏସ୍.ଏସ୍ ଶାଖା ପକ୍ଷରୁ ଭୁବନେଶ୍ୱରସ୍ଥିତ ଶ୍ୟାମପୁର ଗ୍ରାମର ଓଁ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନକୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ସୋଆ କୃଷିମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ରାଉତ, ପ୍ରୋଗ୍ରାମ କୋଅର୍ଡିନେଟର ପ୍ରଫେସର କମଳ ଲୋଚନ ମହନ୍ତ, ବରିଷ୍ଠ ଏନ୍.ଏସ୍.ଏସ୍ ପ୍ରୋଗ୍ରାମ ଅଫିସର ଡ. ସରୋଜ କୁମାର ମହାନ୍ତି କର୍ମଶାଳାକୁ ଉଦ୍‌ଘାଟନ କରି ବର୍ତ୍ତମାନ ସମୟରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ଓ ସମାଜ ପ୍ରତି ଏହାର କୁପ୍ରଭାବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ୧୫୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ। ଏହି ଅବସରରେ ମାନସ ଦାସଙ୍କ ରଚିତ ପଥପ୍ରାନ୍ତ ନାଟକ 'ଆଜିର ପ୍ଲାଷ୍ଟିକ କାଲିର ବିପଦ' ପ୍ରଦର୍ଶିତ ହୋଇଥିଲା। ଏହାପରେ ପ୍ଲାଷ୍ଟିକମୁକ୍ତ ସମାଜର ସ୍ଲୋଗାନ ସହିତ ପଦଯାତ୍ରା ଗ୍ରାମ ପରିକ୍ରମା କରିଥିଲା।

## ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ୨୫ରୁ 'ସମର୍ପଣ'




ଭୁବନେଶ୍ୱର, ୨୩ା୨(ସମିସ): ସାଂସ୍କୃତିକ ସଂଗଠନ ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ପ୍ରତିବର୍ଷ ଆୟୋଜିତ ହେଉଥିବା ତିନିଦିନିଆ ଉତ୍ସବ 'ସମର୍ପଣ' ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହେବ। ଦୀର୍ଘ ଦିନ ଧରି ଏହି ସଂଗଠନ ଦେଶର ବିଭିନ୍ନ ଅଞ୍ଚଳର ପ୍ରସିଦ୍ଧ ଶାସ୍ତ୍ରୀୟ, ସୁଫି ଏବଂ ଭକ୍ତିମୟ ସଙ୍ଗୀତ ଶିଳ୍ପୀମାନଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରି ସଙ୍ଗୀତ ପ୍ରେମୀମାନଙ୍କୁ ସାଙ୍ଗୀତିକ ଅନୁଭବ ଦେଇଆସୁଛି। ଉତ୍ସବର ପ୍ରଥମ ଦିନରେ କୋଲକାତାର ବିଦୂଷୀ କୋଏଲ ଭଟ୍ଟାଚାର୍ଯ୍ୟଙ୍କ ସୁଫି ଓ ଭକ୍ତିମୟ ସଙ୍ଗୀତର ଉପସ୍ଥାପନା ରହିଛି। ଏହାପରେ ହାଇଦ୍ରାବାଦର ଜନାବ ଅତୀକ ହୁସେନ୍ ଖାନ୍ ବନ୍ଦାନୱାଜୀ ଏବଂ ତାଙ୍କ ଦଳଙ୍କ ଦ୍ୱାରା ସୁଫି କଣ୍ଵାଲୀ ପରିବେଷଣ ହେବ। ଏହି ଅବସରରେ ପ୍ରସିଦ୍ଧ କଳାକାର ଘନଶ୍ୟାମ ପଣ୍ଡାଙ୍କୁ 'ଇନ୍ଦିରା ଟେକ୍ସଟାଇଲ୍ସ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ' ପ୍ରଦାନ କରାଯିବ। ଦ୍ୱିତୀୟ ଦିନରେ କଟକର ବିଦୂଷୀ ରାକ୍ଷୀ ସେନ୍, ବିଶ୍ୱଗୁରୁ ରବୀନ୍ଦ୍ରନାଥ ଠାକୁର, ଗୁରୁ ଅତୁଳ ପ୍ରସାଦ ଓ କାଜୀ ନଜରୁଲ ଇସଲାମଙ୍କ ରଚନା ଆଧାରିତ ସଙ୍ଗୀତ ପ୍ରସ୍ତୁତ କରିବେ। ପରେ, ହାଇଦ୍ରାବାଦର ବିଦୂଷୀ ସ୍ମିତା ବେଲୁରଙ୍କ ନିର୍ଗୁଣ ଭଜନ ପ୍ରଦର୍ଶନ ହେବ। ଶେଷ ଦିନରେ ଭୁବନେଶ୍ୱରର ଡ. ପ୍ରିୟା କାନୁନ୍‌ଗୋଙ୍କ ଦ୍ୱାରା ମୀରା ଭଜନ ପରିବେଷଣ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସାଧାରଣ ସମ୍ପାଦକ କ୍ଷୀରୋଦ ପଟ୍ଟନାୟକଙ୍କ ସମେତ ସଂଗଠନର ଅନ୍ୟ ସଦସ୍ୟ ସୂଚନା ଦେଇଛନ୍ତି।

**■ ଘନଶ୍ୟାମ ପଣ୍ଡାଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ**

## ମିଡିଆ ମ୍ୟାନେଜମେଣ୍ଟ ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୩ା୨(ସମିସ): ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ତଥା ଅବସରପ୍ରାପ୍ତ ଅଧିକାରୀ ଗୌର ଚନ୍ଦ୍ର ମହାପାତ୍ର ତାଙ୍କ କାର୍ଯ୍ୟ ଦକ୍ଷତା ପାଇଁ ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ ହୋଇଛନ୍ତି। ୨୧ ତାରିଖ ଶନିବାର ନୂଆଦିଲ୍ଲୀର ମିଡିଆ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମରେ ଶ୍ରୀ ମହାପାତ୍ରଙ୍କୁ ଶ୍ରେଷ୍ଠ ମିଡିଆ ମ୍ୟାନେଜମେଣ୍ଟ ଅର୍ଗାନାଇଜର ଷ୍ଟେଟ ଆୱାର୍ଡ ପ୍ରଦାନ କରାଯାଇଛି। ମିଡ଼ିଆ ଫେଡେରେସନ ଅଫ୍ ଇଣ୍ଡିଆ ତରଫରୁ ନୂଆଦିଲ୍ଲୀଠାରେ 'ଜାତୀୟ ଚେତନା' ସମ୍ବାଦପତ୍ରର ସମ୍ପାଦକ ତପନ ବିହାରୀ ଭଞ୍ଜଙ୍କୁ ବର୍ଷର ଶ୍ରେଷ୍ଠ ଓଡ଼ିଶା ସାମ୍ବାଦିକ ସମ୍ମାନରେ ସମ୍ମାନିତ କରାଯାଇଛି।

## ନିରାକାର ସାହୁଙ୍କୁ ଉତ୍କଳମଣି ସେବା ସମ୍ମାନ

ଭୁବନେଶ୍ୱର, ୨୩ା୨(ସମିସ): କେନ୍ଦ୍ରାପଡ଼ା ରାଜନଗରଠାରେ ଓଡ଼ିଶା ସାଇନ୍ ଫାଉଣ୍ଡେସନ ତରଫରୁ ପ୍ରଥମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଛି। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱେଚ୍ଛାସେବୀମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ନିରାକାର ସାହୁଙ୍କୁ ଉତ୍କଳମଣି ସେବା ସମ୍ମାନ ପ୍ରଦାନ କରାଯାଇଛି।



## ମାତୃଭାଷା ଦିବସରେ ବହୁଭାଷିକତାରେ ଯୁବପିଢ଼ିର ଭୂମିକା ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ୨୩ା୨(ସମିସ): ପୂର୍ବାଞ୍ଚଳ ଭାଷାକେନ୍ଦ୍ର ଓ ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱର ଆନୁକୂଲ୍ୟରେ ଆନ୍ତର୍ଜାତିକ ବିଶ୍ୱ ମାତୃଭାଷା ଦିବସରେ 'ବହୁଭାଷିକତାରେ ଯୁବପିଢ଼ିର ଭୂମିକା' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଶନିବାର ଦିନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଆଲୋଚନାରେ ଆଲୋଚକମାନେ ଯୋଗଦେଇ ମାତୃଭାଷାର ଗୁରୁତ୍ୱ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟ, ଡ. ମନୀଷ କୁମାର, ସାନ୍ତାଳୀ ଅଧ୍ୟାପିକା ଅନିମା ବାସ୍କ ସାନ୍ତାଳୀ ଭାଷାଭାଷୀଙ୍କ ଭିତରେ କିପରି ବର୍ତ୍ତମାନ ବହୁଭାଷିକତା ବଢ଼ିବାରେ ଲାଗିଛି ଓ ଏହା ତାଙ୍କର ଜ୍ଞାନ ଏବଂ ଗବେଷଣାକୁ ପରିପୁଷ୍ଟ କରୁଛି ସେ ବିଷୟରେ ଆଲୋଚନା କରିଥିଲେ। ପୂର୍ବାଞ୍ଚଳ ଭାଷାକେନ୍ଦ୍ରର ଅଧ୍ୟକ୍ଷ ତଥା ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ସଞ୍ଜୟ କୁମାର ବାଗ ସଭାପତିତ୍ୱ କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବହୁଭାଷିକ ନେଇ କବିତା ଓ ଗଳ୍ପ ପଠନ କାର୍ଯ୍ୟକ୍ରମ ହୋଇଥିଲା।

## ରେଭେନ୍ସା ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



ଭୁବନେଶ୍ୱର, ୨୩ା୨(ସମିସ): ରେଭେନ୍ସା ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ବ୍ୟାଚର ଓଡ଼ିଆ ସ୍ନାତକୋତ୍ତର ବିଭାଗ ଛାତ୍ରଛାତ୍ରୀଙ୍କର ବୈଠକ ହୋଟେଲ ପପେୟା ଥିଓରୀରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ବଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଗଳ୍ପ, ଆଧୁନିକ କବିତାପାଠ, ବ୍ୟଙ୍ଗାତ୍ମକ ଢଗ ଢମାଳି, ଡାନ୍ସ ଓ ଓଡ଼ିଆ ପାଲା ପରିବେଷଣ ସହିତ ବହୁ ଗୁରୁତ୍ୱ ପୂର୍ଣ୍ଣ ବିଷୟ ଯଥା ଓଡ଼ିଆଭାଷାର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବନ୍ଧୁମିଳନର ନେତୃତ୍ୱ ଡ. ବ୍ରଜକିଶୋର ନାୟକ ନେଇଥିବାବେଳେ ସହଯୋଗ କରିଥିଲେ ଡ଼. ପ୍ରଶାନ୍ତ ରଥ, କଳ୍ପନା ମିଶ୍ର, ପ୍ରତାପ ହାତୀ, ଡ. ସୁବାସ ବିଶ୍ୱାଳ, ଡ. ରବିନାରାୟଣ ମହାରଣା, ଆଡ଼ଭୋକେଟ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରି ବନ୍ଧୁମିଳନର ସଫଳତା କାମନା କରିଥିଲେ।


## ସାରସ୍ୱତ ସମାଜର ସାହିତ୍ୟ ପାଠଚକ୍ର ଓ କବିତା ଆସର




ଭୁବନେଶ୍ୱର, ୨୩ା୨(ସମିସ): ସାରସ୍ୱତ ସମାଜ ସାହିତ୍ୟ ଅନୁଷ୍ଠାନ ତରଫରୁ ସାହିତ୍ୟ ପାଠଚକ୍ର ଓ କବିତା ଆସର ଗୋଦାବରୀଶ ସାହିତ୍ୟ ସଂସଦରେ ଅନୁଷ୍ଠିତ ହୋଇଯାଇଛି। କବି ରାଜକିଶୋର ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥ ଭାବେ ପ୍ରଫେସର ଡ. ଜୟକୃଷ୍ଣ ଦାସ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିଚାଳନା ସମ୍ପାଦିକା ଡ. ସରୋଜିନୀ ପାଣି ଅତିଥି ପରିଚୟ ଦେଇଥିଲେ। ଏହାପରେ କବି ତଥା ସମାଜସେବୀ ଶୁଭ୍ରା ନନ୍ଦଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ୭୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସଙ୍ଗୀତା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଆମ ରାଜଧାନୀ ଆମ ଐତିହ୍ୟ**

# କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନୀଳକଣ୍ଠେଶ୍ୱର ମନ୍ଦିର



ଭୁବନେଶ୍ୱର, ୨୩ା୨(ସମିସ): ଅନନ୍ତ ଓ ଅସୁମାରୀ କୀର୍ତ୍ତିରାଜିରେ ଭରା ଓଡ଼ିଶା ଭୂଖଣ୍ଡ। ହିରଣ୍ୟଗର୍ଭା ଆମ ଏ ପବିତ୍ର ମାଟିର କୋଣାନୁକୋଣରେ ରହିଛି କେତେଯେ ଦେଉଳ, କେତେ ମଠ ଓ ମନ୍ଦିର। ଏହା କେବଳ ଐତିହ୍ୟ କୀର୍ତ୍ତିରାଜିର ମୁକ ସାକ୍ଷୀ ନୁହଁ ବରଂ ଲୋକଙ୍କ ଆଧ୍ୟାତ୍ମିକ ଭାବନା ସହ ମଧ ଜଡିତ। ଗୌରବମୟ ଆମ ଅତୀତ ଓ ଇତିହାସ। ଧର୍ମ, ସାହିତ୍ୟ, ସଂସ୍କୃତି, ନୃତ୍ୟ ଓ ସଙ୍ଗୀତ କେତେ ଯେ ଉତ୍କୃଷ୍ଟ କଳାରେ ଭରି ହୋଇ ରହିଛି। ସେହି ଇତିହାସ ପୃଷ୍ଠାର ଅନ୍ୟତମ କୀର୍ତ୍ତିରାଜି ଦ୍ୱାଦଶରୁ ତ୍ରୟଦଶ ଶତାବ୍ଦୀର ମଧ ଭାଗରେ ନିର୍ମିତ ନିଳକଣ୍ଠେଶ୍ୱର ମନ୍ଦିର।

ଏହି ନିଳକଣ୍ଠେଶ୍ୱର ଶିବ ମନ୍ଦିର ପୁରୁଣା ଭୁବନେଶ୍ୱରସ୍ଥିତ ଖରାଖିଆ ବୌଦ୍ୟନାଥ ସାହିରେ ଅବସ୍ଥିତ। ଲିଙ୍ଗରାଜ ମନ୍ଦିରରୁ କପିଳେଶ୍ୱରକୁ ଯାଉଥିବା ବୈଦ୍ୟନାଥ ରାସ୍ତାର ବାମ ପାର୍ଶ୍ୱରେ ମନ୍ଦିରଟି ରହିଛି। ଏହା ଏକ ଜୀବନ୍ତ ମନ୍ଦିର ଏବଂ ପଶ୍ଚିମ ଆଡକୁ ମୁହଁ କରି ରହିଛି। ମନ୍ଦିରର ପ୍ରତିଷ୍ଠିତ ଦେବତା ହେଉଛନ୍ତି ପ୍ରଭୁ ଶିବ। ଇତିହାସ ଅନୁଯାୟୀ ମନ୍ଦିରଟି ଦ୍ୱାଦଶରୁ ତ୍ରୟଦଶ ଶତାବ୍ଦୀ ମଧ୍ୟରେ ନିର୍ମିତ। ଶିବରାତ୍ରି, ସଂକ୍ରାନ୍ତି ଭଳି ଶୈବ ପୂଜା ଏଠାରେ ଏକ ବଡ ପର୍ବ ରୂପେ ପାଳନ କରାଯାଏ। ମନ୍ଦିରକୁ ଚାରିପଟୁ ଘରୋଇ କୋଠାବାଡି ଘେରି ହୋଇ ରହିଛି। ପରିସର ଭିତରେ ଆଉ ଏକ ମନ୍ଦିର, ଯାହାର ନାମ ଶ୍ୟାମେଶ୍ୱର ମନ୍ଦିର ରହିଛି। ଶାନ୍ତି ଏବଂ ଉନ୍ନତି ପାଇଁ ଶ୍ରଦ୍ଧାଳୁ ଏଠାରେ ପୂଜା କରିଥାନ୍ତି ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି। ମନ୍ଦିରରଟି କଳିଙ୍ଗ ସ୍ଥପତ୍ୟ ଶୈଳୀରେ ନିର୍ମିତ।

### ଏବେ କେମିତି ରହିଛି




ମନ୍ଦିରଟି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିଲେ ହେଁ ମନ୍ଦିରକୁ ଦେଖିଲେ ରକ୍ଷଣାବେକ୍ଷଣ ଅଭାବ ପରିଲକ୍ଷିତ ହୋଇଥାଏ। ମନ୍ଦିରର ଚାରିପାଖକୁ ଘରୋଇ କୋଠା ଘେରିରହିଛି। ଫଳରେ ମନ୍ଦିରର ଅବସ୍ଥିତି ଜଣାପଡୁ ନାହିଁ। କେବଳ ସେତିକି ନୁହଁ ଏହି ପୁରାତନ କିର୍ତ୍ତିରାଜି ବର୍ତ୍ତମାନ କ୍ଷୟ ହେବାକୁ ବସିଲାଣି। ରଙ୍ଗ କ୍ଷୟ ହେବା ସହ ଗଛ ଲତା ମାଡି ମନ୍ଦିର ଚାରିପଟ ବଣ ହୋଇଗଲାଣି। ପୂଜାର୍ଚ୍ଚନା ହେଉଥିଲେ ହେଁ ମନ୍ଦିରର ଏପରି ଅବସ୍ଥାକୁ ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁଯାୟୀ ମନ୍ଦିରଟି ବର୍ଷ ବର୍ଷ ଧରି ଏମିତି ପଡ଼ି ରହିଛି। ପରିସରରେ ମଧ ଚାରିପାଖ ଅଳିଆ ହୋଇ ପଡ଼ିଛି।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୦.୯୯ ● ପାଉଣ୍ଡ ୧୨୨.୯୦
- ୟୁରୋ ୧୦୭.୩୯ ● ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୪୮,୫୦୦ (ନୂଆଦିଲ୍ଲୀ)
- ରୁପା : ୨,୬୫,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୩,୨୯୪.୦୦
- ନିଫ୍ଟି ୨୫,୭୧୩.୦୦

### ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ବାଣିଜ୍ୟ ଚୁକ୍ତି କରିସାରିଥିବା ଦେଶଙ୍କୁ ଟ୍ରମ୍ପଙ୍କ ଧମକ**

# ସୁପ୍ରିମ ରାୟରେ ଏତେ ଖୁସି ହୁଅନି, ଆହୁରି ଟାରିଫ୍ ଲଗାଇବି

ୱାଶିଂଟନ,୨୩।୨(ଏଜେନ୍ସି)

ସୁପ୍ରିମକୋର୍ଟଙ୍କଠାରୁ ବଡ଼ ଝଟ୍କା ପାଇବା ପରେ ଏବେ ଅନ୍ୟ ଦେଶଗୁଡ଼ିକୁ ଧମକାଉଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ନିକଟରେ ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପ୍ ଟାରିଫଙ୍କୁ ଅବୈଧ ଦର୍ଶାଇ ସମସ୍ତ ଶୁଳ୍କକୁ ରଦ୍ଧ କରି ଦେଇଥିଲେ। ଯାହା ସୋମବାର ମଧ୍ୟରାତ୍ରରୁ ଲାଗୁ ହୋଇଛି। ହେଲେ ତା' ପୂର୍ବରୁ ବିଜନେସ୍ ପାର୍ଟନର ଦେଶମାନଙ୍କୁ ଧମକ ଦେଇଛନ୍ତି ଟ୍ରମ୍ପ୍। ସୁପ୍ରିମକୋର୍ଟ ରାୟ ଆସିବା ପୂର୍ବରୁ ଯେଉଁ ଦେଶମାନଙ୍କ ସହିତ ବାଣିଜ୍ୟ ଚୁକ୍ତି ହୋଇଥିଲା ଯଦି ସେମାନେ କିଛି ଗେମ୍ ଖେଳିବାକୁ ଚେଷ୍ଟା କରନ୍ତି ତେବେ ସେମାନଙ୍କ ଉପରେ ଆହୁରି ବଡ଼ ଆମଦାନୀ ଶୁଳ୍କ ଲାଗୁ କରାଯିବ ବୋଲି ଟ୍ରମ୍ପ୍ କହିଛନ୍ତି।

ଏ ନେଇ ଟ୍ରମ୍ପ୍ ଟ୍ରୁଥ ସୋଶାଲରେ ପୋଷ୍ଟ କରି ଲେଖିଛନ୍ତି ଯେଉଁ ଦେଶ ସୁପ୍ରିମକୋର୍ଟ ଦେଇଥିବା ହାସ୍ୟାସ୍ପଦ ରାୟକୁ ନେଇ 'ଖେଳ ଖେଳିବାକୁ' ଚାହାଁନ୍ତି, ବିଶେଷକରି ଯେଉଁ ଦେଶଗୁଡ଼ିକ ବର୍ଷ ବର୍ଷ ଧରି ଏବଂ ଦଶନ୍ଧି ଧରି ଆମେରିକାକୁ ଲୁଟି ଆସିଛନ୍ତି ସେମାନଙ୍କୁ ବହୁତ ଅଧିକ ଏବଂ ବର୍ତ୍ତମାନ ଯେଉଁ ସର୍ତ୍ତରେ ରାଜି ହୋଇଛନ୍ତି ତା'ଠାରୁ ବି ଖରାପ ଶୁଳ୍କ ଲାଗୁ କରାଯିବ। ଟ୍ରମ୍ପ ପ୍ରଶାସନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଏଡ଼ାଇବା ପାଇଁ ଆଉ ଏକ ଆଇନ ମାଧ୍ୟମରେ ପୁଣି ଏକ ଶୁଳ୍କ ଲାଗୁ କରିଛି। ୧୯୭୪ର ବାଣିଜ୍ୟ ଆଇନର ଧାରା ୧୨୨ ଅନୁଯାୟୀ ଏକ ଟ୍ରମ୍ପ ବିଶ୍ୱର ସବୁ ଦେଶ ଉପରେ ୧୫% ଗ୍ଲୋବାଲ ବେସଲାଇନ୍ ଶୁଳ୍କ ଘୋଷଣା କରିଛନ୍ତି। ପୂର୍ବରୁ ଏହା ୧୦ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ। ପରେ ଏହାକୁ ଆଉ ୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ତେବେ ଆଇନ କେବଳ ଜରୁରୀକାଳୀନ ପରିସ୍ଥିତିର ସମାଧାନ ପାଇଁ ଅସ୍ଥାୟୀ ଭାବେ ଲଗାଯାଇଥାଏ। ଏହାର ଅବଧି ୧୫୦ ଦିନ ପର୍ଯ୍ୟନ୍ତ ରହିଥାଏ। ଏହାପରେ ସରକାର ପୁନଃ ସମୀକ୍ଷା କରି ନିଷ୍ପତ୍ତି ନେବାର ବ୍ୟବସ୍ଥା ରହିଛି। ସୁପ୍ରିମକୋର୍ଟଙ୍କ ରାୟ ପୂର୍ବରୁ ଟ୍ରମ୍ପଙ୍କ ଅବୈଧ ଶୁଳ୍କ ଧମକରେ ଏକାଧିକ ଦେଶ ଆମେରିକା ସହିତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଥିଲେ କିମ୍ବା କରିବା ଉପରେ ଆଲୋଚନାର ଶେଷ ପର୍ଯ୍ୟାୟରେ ଥିଲେ। କାଳେ ସେହି ଦେଶମାନେ ଏବେ ଡିଲରୁ ଓହରିଯିବେ, ସେହି ଭୟରେ ଟ୍ରମ୍ପ୍ ସମସ୍ତଙ୍କୁ ଧମକାଇବାକୁ ଚେଷ୍ଟା କରିଛନ୍ତି। ସବୁଠାରୁ ବଡ଼ କଥା ହେଲା କୋର୍ଟଙ୍କ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ୟୁରୋପୀୟ କମିଶନ ଏବଂ ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟ ପୂର୍ବରୁ ହୋଇଥିବା ଚୁକ୍ତିଗୁଡ଼ିକୁ ପୁନଃ ସମୀକ୍ଷା କରିବାକୁ ସଂକେତ ଦେଇଛନ୍ତି। ଭାରତ ମଧ୍ୟ ଡିଲ୍ ହେବାକୁ ଥିବା ଆଲୋଚନାକୁ ଘୁଞ୍ଚାଇ ଦେଇଛି।

**ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କରେ ୫୯୦ କୋଟିର ଠକେଇ**

# ସନ୍ଦେହରେ ଆଇଏଏସ୍ ଅଧିକାରୀଙ୍କ ପତ୍ନୀଙ୍କ ଭୂମିକା

**ଚଣ୍ଡିଗଡ଼,୨୩।୨(ଏଜେନ୍ସି):** ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କରେ ହୋଇଛି ୫୯୦ କୋଟି ଟଙ୍କାର ଠକେଇ। ଏହି ଠକେଇ ଯୋଗୁଁ ହରିୟାଣା ସରକାର ୫୯୦ କୋଟି ଟଙ୍କାର କ୍ଷତି ସହିଛନ୍ତି। ରାଜଧାନୀ ଚଣ୍ଡିଗଡ଼ସ୍ଥିତ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଶାଖାରେ ଏହି ଠକେଇ ଘଟିଛି। ଏହାପରେ ଠକେଇରେ ସମ୍ପୃକ୍ତ ୪ ଜଣ କର୍ମଚାରୀଙ୍କୁ ବ୍ୟାଙ୍କ ନିଲମ୍ବନ କରିଛି। ତଥାପି, ଏହି ମାମଲାରେ ହରିୟାଣା ସରକାର ଏବେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ହରିୟାଣାର ଜଣେ ଆଇଏଏସ୍ ଅଧିକାରୀଙ୍କ ପତ୍ନୀ ମଧ୍ୟ ଏହି ବ୍ୟାଙ୍କରେ ଏକ ବରିଷ୍ଠ ପଦବୀରେ ଥିଲେ। ତେଣୁ ଏବେ ଠକେଇ ଘଟଣାରେ ତାଙ୍କର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।





ହରିୟାଣା ସରକାର ଏବେ ଏହି ଠକେଇ ମାମଲାକୁ ତଦନ୍ତ ପାଇଁ ଦୁର୍ନୀତି ନିବାରଣ ବ୍ୟୁରୋକୁ ହସ୍ତାନ୍ତର କରିଛନ୍ତି। ସରକାରୀ ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକୁ ଅନୁମୋଦନ କରିବା ପାଇଁ ହରିୟାଣା ସରକାର ପ୍ରଶାସନିକ ସଚିବମାନଙ୍କୁ ଅଧିକାର ଦେଇଛନ୍ତି। ଏହାସହିତ ଏହି ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ କେବଳ ଜାତୀୟକରଣ ବ୍ୟାଙ୍କଗୁଡ଼ିକରେ ଖୋଲାଯିବା ଉଚିତ ବୋଲି ନିର୍ଦ୍ଦେଶାବଳୀ ଜାରି କରିଛି। ବଜେଟ ଅଧିବେଶନ ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ସିଂହ ଯେତେବେଳେ ଏହି ପ୍ରସଙ୍ଗ ଉଠାଇଥିଲେ, ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି ଗୃହରେ ପ୍ରତିକ୍ରିୟା ଦେଇ କହିଥିଲେ ଯେ ବିଭିନ୍ନ ବ୍ୟାଙ୍କରେ ଟଙ୍କା ରଖାଯାଇଛି। ଏହି ମାମଲାର ତଦନ୍ତ ଭିଜିଲାନ୍ସ ଏବଂ ଏସିବିକୁ ହସ୍ତାନ୍ତର କରାଯାଇଛି। ଏହାପରେ ହରିୟାଣା ସରକାର ତାଙ୍କ ଆଦେଶରେ କହିଛନ୍ତି ଯେ ଯଦି କୌଣସି ବିଭାଗ କିମ୍ବା ସଂଗଠନ କୌଣସି କର୍ପୋରେଟ୍ କିମ୍ବା ଘରୋଇ କ୍ଷେତ୍ରର ବ୍ୟାଙ୍କରେ ଆକାଉଣ୍ଟ ଖୋଲିବାକୁ ପ୍ରସ୍ତାବ ଦିଏ, ତେବେ ଅର୍ଥ ବିଭାଗର ଅନୁମୋଦନ ବାଧ୍ୟତାମୂଳକ ହେବ। ଉପରୋକ୍ତ ପ୍ରକ୍ରିୟା ଅନୁସରଣ ନ କରି ଖୋଲାଯାଇଥିବା ଯେକୌଣସି ବ୍ୟାଙ୍କ ଆକାଉଣ୍ଟକୁ ଅନିୟମିତ ବୋଲି ବିବେଚନା କରାଯିବ। ଏବଂ ତୁରନ୍ତ ବନ୍ଦ କରାଯିବା ପାଇଁ ଦାୟୀ ରହିବ। ହରିୟାଣା ସରକାର ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଏବଂ ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କକୁ ତାଲିକାରୁ ବାହାର କରିଦେଇଛନ୍ତି ଏବଂ କହିଛନ୍ତି ଯେ ଏହି ବ୍ୟାଙ୍କଗୁଡ଼ିକ ମାଧ୍ୟମରେ କୌଣସି ସରକାରୀ ପାଣ୍ଠି ରଖାଯିବ ନାହିଁ, ଜମା କରାଯିବ ନାହିଁ, ବିନିଯୋଗ କରାଯିବ ନାହିଁ କିମ୍ବା କାରବାର କରାଯିବ ନାହିଁ।

# ଫେରସ୍ତ ହେବ ନିଷ୍କ୍ରିୟ ପିଏଫ୍ ଆକାଉଣ୍ଟ ଜମା ଅର୍ଥ

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ନିଷ୍କ୍ରିୟ ଇପିଏଫ୍‌ଓ ଆକାଉଣ୍ଟରେ ଦାବି ହେଉ ନ ଥିବା ଜମା ରାଶିକୁ ସବସ୍କ୍ରାଇବରମାନଙ୍କୁ ଫେରସ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ୩.୧ ନିୟୁତରୁ ଅଧିକ ସବସ୍କ୍ରାଇବରଙ୍କୁ ଲାଭ ଦେବ। ପାଇଲଟ୍ ପ୍ରକଳ୍ପରେ ପ୍ରଥମ ପର୍ଯ୍ୟାୟରେ ୭ ଲକ୍ଷ ସବସ୍କ୍ରାଇବର ଉପକୃତ ହେବେ। ଶ୍ରକେନ୍ଦ୍ର ମ ମନ୍ତ୍ରୀ ମନସୁଖ ମାଣ୍ଡଭିଆ କହିଛନ୍ତି ଯେ ଏହି ନିଷ୍ପତ୍ତି ଏକ ସାପ୍ତାହିକ ସମୀକ୍ଷା ବୈଠକରେ ନିଆଯାଇଛି।





**୩୨ ଲକ୍ଷ ନିଷ୍କ୍ରିୟ ଆକାଉଣ୍ଟରେ ୧୧ ହଜାର କୋଟିର ଜମା ରାଶି**

ଇପିଏଫ୍‌ଓରେ ପ୍ରାୟ ୩୧.୮୬ ଲକ୍ଷ ନିଷ୍କ୍ରିୟ ଆକାଉଣ୍ଟ ରହିଛି, ଯେଉଁଥିରେ ମୋଟ ଜମା ୧୦,୯୦୩ କୋଟି ଟଙ୍କା ପଡିରହିଛି। ଏଥିମଧ୍ୟରୁ ୭.୧୧ ଲକ୍ଷ ଆକାଉଣ୍ଟରେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜମା ରାଶି ଅଛି, ଯାହାର ମୋଟ ପରିମାଣ ୩୦.୫୨ କୋଟି ଟଙ୍କା। ମନ୍ତ୍ରଣାଳୟ ଅନୁଯାୟୀ, ଏହି ଆକାଉଣ୍ଟଗୁଡ଼ିକ ମଧ୍ୟରୁ କିଛି ୨୦ ବର୍ଷ ପୁରୁଣା। ତିନି ବର୍ଷ ଧରି ସେଥିରେ କୌଣସି କାରବାର ହୋଇନାହିଁ, ଯାହା ଫଳରେ ସେଗୁଡ଼ିକ ନିଷ୍କ୍ରିୟ ହୋଇପଡ଼ିଛି। ପାଇଲଟ୍ ପ୍ରକଳ୍ପ ପାଇଁ ଚିହ୍ନଟ ହୋଇଥିବା ୭ ଲକ୍ଷ ଆକାଉଣ୍ଟ ଆଧାର ଏବଂ ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ୍ ହୋଇଛି। ଏହାଦ୍ୱାରା ଇପିଏଫ୍‌ଓ ପାଇଁ ସବସ୍କ୍ରାଇବରଙ୍କ ଆକାଉଣ୍ଟରେ ପାଣ୍ଠି ଜମା କରିବା ସହଜ ହେବ। ଇପିଏଫ୍ ଏବଂ ଏମ୍‌ପି ଆଇନ ଅନୁଯାୟୀ, ଇପିଏଫ୍‌ଓ ସଦସ୍ୟମାନଙ୍କୁ ସେମାନଙ୍କର ପାଣ୍ଠି ଉଠାଇବା ପାଇଁ କ୍ଲେମ୍ ବା ଦାବି ଦାଖଲ କରିବାକୁ ପଡିବ। ତଥାପି, ଏହା ଦେଖାଯାଇଛି ଯେ ଅନେକ କ୍ଷେତ୍ରରେ ପିଏଫ୍ ଆକାଉଣ୍ଟରେ ବାଲାନ୍ସ ବହୁତ କମ୍ ଥାଏ, ଯାହା ଫଳରେ ସଦସ୍ୟମାନଙ୍କ ମଧ୍ୟରେ ତାହାଉ ଉଠାଇବା ଲାଗି ଆଗ୍ରହ କମ୍ ଥାଏ। ଏହା ଫଳରେ ଇପିଏଫ୍‌ଓରେ ବହୁ ସଂଖ୍ୟକ ଦାବି ହୋଇ ନ ଥିବା ଜମା ଏବଂ ନିଷ୍କ୍ରିୟ ଆକାଉଣ୍ଟ ସୃଷ୍ଟି ହୋଇଛି। ତେଣୁ, ସରକାର ଏହି ପଦକ୍ଷେପ ନେଇଛନ୍ତି। ପିଏଫ୍ ହେଉଛି ଘରୋଇ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁ ଏକ ବାଧ୍ୟତାମୂଳକ ସରକାରୀ ସଞ୍ଚୟ ଯୋଜନା। କର୍ମଚାରୀ ସେମାନଙ୍କ ମୂଳ ଦରମାର ୧୨% ଏଥିରେ ଯୋଗଦାନ କରିଥାନ୍ତି, ଯେତେବେଳେ କି ନିଯୁକ୍ତିଦାତା ମଧ୍ୟ ସମାନ ପରିମାଣର ଯୋଗଦାନ କରନ୍ତି। ନିଯୁକ୍ତିଦାତାଙ୍କ ଯୋଗଦାନର ୮.୩୩% କର୍ମଚାରୀ ପେନସନ ଯୋଜନା (ଇପିଏସ୍)କୁ ଯାଏ। ଇପିଏଫ୍ ଆକାଉଣ୍ଟରେ ଜମା ହୋଇଥିବା ଅର୍ଥ ରାଶି ପରିମାଣ ଉପରେ ସୁଧ ମିଳିଥାଏ।

# ୪ ରେଳ କର୍ମଚାରୀଙ୍କୁ ସମ୍ମାନିତ କଲା ପୂର୍ବତଟ ରେଳପଥ



**ଭୁବନେଶ୍ୱର, ୨୩।୨(ସମିସ):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସୁରକ୍ଷା ସମ୍ଭାବ୍ୟ ବିପଦକୁ ପୂର୍ବରୁ ଚିହ୍ନଟ କରି ତାହାକୁ ରୋକିବା ସହିତ ସୁରକ୍ଷିତ ଓ ନିର୍ବିଘ୍ନ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ସହିତ ଅସାଧାରଣ ସତର୍କତା, କର୍ତ୍ତବ୍ୟନିଷ୍ଠା ଏବଂ ସମୟୋପଯୋଗୀ ପଦକ୍ଷେପ ପାଇଁ ଚାରି ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ସମ୍ମାନିତ କର୍ମଚାରୀମାନେ ହେଲେ ଶଶି ପ୍ରକାଶ(ଷ୍ଟେସନ ମାଷ୍ଟର, ଆରଙ୍ଗ ମହାନଦୀ, ସମ୍ବଲପୁର ମଣ୍ଡଳ), (ମହେଶ୍ୱର ନାୟକ, ଷ୍ଟେସନ ସୁପରିଟେଣ୍ଡେଣ୍ଟ, ଗୁରୁଡିଝାଟିଆ, ଖୋର୍ଦ୍ଧା ରୋଡ୍ ଡିଭିଜନ),ରାଜେଶ କୁମାର ସାହୁ (ଟ୍ରାକ୍ ମେଣ୍ଟେନର୍-ଓଓ, ରେତଙ୍ଗ, ଖୋର୍ଦ୍ଧା ରୋଡ୍ ଡିଭିଜନ) ଏବଂ ଭଗବାନ (ଟ୍ରାକ୍ ମେଣ୍ଟେନର୍-ଓଓ, ମାଲିଗୁଡା, ୱାଲ୍ଟେୟାର ଡିଭିଜନ)। ସେମାନଙ୍କର ସମୟୋଚିତ ପ୍ରତିକ୍ରିୟା ଏବଂ ସକ୍ରିୟ କାର୍ଯ୍ୟ ପରିଚାଳନା ସୁରକ୍ଷାକୁ ସୁନିଶ୍ଚିତ କରିଥିଲା, ସମ୍ଭାବ୍ୟ ବାଧାବିଘ୍ନକୁ ପ୍ରତିରୋଧ କରିଥିଲା ଏବଂ ଭାରତୀୟ ରେଳବାଇର ଉଚ୍ଚ ସୁରକ୍ଷା ମାନକକୁ ବଜାୟ ରଖିଥିଲା। ଉକ୍ତ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସମୟରେ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ବିଶେଷକରି ରେଳ କର୍ମଚାରୀମାନେ ପ୍ରାୟତଃ କଷ୍ଟକର ପରିସ୍ଥିତିରେ କାମ କରନ୍ତି। ରେଳ ସେବାର ନିରାପତ୍ତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍, ସିଗନାଲ ଏବଂ ଓଏଚ୍‌ଇ ମେଣ୍ଟେନର୍ସ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଏବଂ ଷ୍ଟେସନ ମାଷ୍ଟରମାନଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ଏଣିକି ଜିପିଏସ୍‌ରେ କଟିବ ଟୋଲ୍ ଟିକସ

**ଏପ୍ରିଲ ପହିଲାରୁ ଲାଗୁ ହେବ ନୂଆ ନିୟମ**

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):**ଦେଶର ଟୋଲ୍ ଆଦାୟ ବ୍ୟବସ୍ଥାରେ ପୁଣି ଥରେ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ପୂର୍ବରୁ ନଗଦ ଦେୟ ସାଧାରଣ ଥିଲା ତା'ପରେ ଫାସ୍‌ଟ୍ୟାଗ୍ ଏବଂ ଏବେ ସରକାର ଜିପିଏସ୍ ପ୍ରଯୁକ୍ତିବିଦ୍ୟା ସହିତ ଟୋଲ୍ ଆଦାୟକୁ ସଂଯୁକ୍ତ କରିବାକୁ ପ୍ରସ୍ତୁତ ହେଉଛନ୍ତି। ରିପୋର୍ଟ ଅନୁଯାୟୀ, ଦାବି କରାଯାଉଛି ଯେ ଏହି ନୂତନ ବ୍ୟବସ୍ଥା ସମୟ ଏବଂ ଟଙ୍କା ଉଭୟ ସଞ୍ଚୟ କରିବ। ସରକାର ରାଜସ୍ୱରେ ମଧ୍ୟ ବୃଦ୍ଧି ଦେଖିପାରନ୍ତି। କିନ୍ତୁ ଏହି ଲାଭ ମଧ୍ୟରେ ସାଧାରଣ ଲୋକଙ୍କ ମନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି। ପ୍ରଥମତଃ, ଏହା କ'ଣ ସେମାନଙ୍କ ପକେଟ ଉପରେ ଅତିରିକ୍ତ ବୋଝ ପକାଇବ ଏବଂ ଦ୍ୱିତୀୟତଃ, ଏହା କ'ଣ ବ୍ୟକ୍ତିଗତ ସୂଚନାର ସୁରକ୍ଷାକୁ ବିପଦରେ ପକାଇବ କି?



ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ସ୍ପଷ୍ଟ କରିଛି ଯେ ଏପ୍ରିଲ, ପହିଲାରୁ ଟୋଲ୍ ଦେୟ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆସିବ। ଟୋଲ୍ ପ୍ଲାଜାରେ ନଗଦ ଦେୟ ବନ୍ଦ କରାଯିବ ଏବଂ କେବଳ ଫାସ୍‌ଟ୍ୟାଗ୍ କିମ୍ବା ୟୁପିଆଇ ମାଧ୍ୟମରେ ଫି ଆଦାୟ କରାଯିବ। ତଥାପି, ଆଜି ମଧ୍ୟ ପ୍ରାୟ ୯୮% ଟୋଲ୍ କାରବାର ଫାସ୍‌ଟ୍ୟାଗ୍ ମାଧ୍ୟମରେ କରାଯାଉଛି। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସମ୍ପ୍ରତି କହିଛନ୍ତି ଯେ ୨୦୨୬ ଶେଷ ସୁଦ୍ଧା ଟୋଲ୍ ଆଦାୟକୁ ଜିପିଏସ୍ ପ୍ରଯୁକ୍ତିବିଦ୍ୟା ସହିତ ସମ୍ପୂର୍ଣ୍ଣ ଭାବରେ ସଂଯୁକ୍ତ କରାଯିବ। ଏହାର ଅର୍ଥ ହେଉଛି ଭବିଷ୍ୟତରେ ଟୋଲ୍ ପ୍ଲାଜାରେ ଅଟକିବାର ଆବଶ୍ୟକତା ରହିବ ନାହିଁ ଏବଂ ଏକ ସାଟେଲାଇଟ୍-ଆଧାରିତ ସିଷ୍ଟମ୍ ମାଧ୍ୟମରେ ଯାତ୍ରା କରାଯାଇଥିବା ଦୂରତା ଆଧାରରେ ଟୋଲ୍ ସ୍ୱୟଂଚାଳିତ ଭାବରେ କଟାଯିବ। ଏକ ଜିପିଏସ୍-ଆଧାରିତ ଟୋଲ୍ ସିଷ୍ଟମ୍‌ରେ, ଯାନରେ ସ୍ଥାପିତ ଏକ ଡିଭାଇସ୍ କିମ୍ବା ଟ୍ରାକିଂ ପ୍ରଯୁକ୍ତିବିଦ୍ୟା ଜାତୀୟ ରାଜପଥରେ ଯାତ୍ରା କରାଯାଇଥିବା ଦୂରତା ନିର୍ଣ୍ଣୟ କରିବ। ସମ୍ପୃକ୍ତ ଟୋଲ୍ ସିଧା ବ୍ୟାଙ୍କ ଆକାଉଣ୍ଟ କିମ୍ବା ଲିଙ୍କ୍ ହୋଇଥିବା ୱାଲେଟ୍‌ରୁ କଟାଯିବ। ଏହା ଲମ୍ବା ଧାଡ଼ି ଏବଂ ଟ୍ରାଫିକ୍ ଜାମ୍ ହ୍ରାସ କରିବ ବୋଲି ଆଶା କରାଯାଉଛି। ଯଦି ଫଳାଫଳ ସନ୍ତୋଷଜନକ ରୁହେ, ତେବେ ଏହାକୁ ୨୦୨୬ ଶେଷ ସୁଦ୍ଧା ସାରା ଦେଶରେ କାର୍ଯ୍ୟକାରୀ କରାଯିବ। ଏକ ଦୂରତା-ଭିତ୍ତିକ ଟୋଲ୍ ବ୍ୟବସ୍ଥାର ଅର୍ଥ ହେଉଛି ଚାଳକ ଯାତ୍ରା କରୁଥିବା ଦୂରତା ପାଇଁ ଦେୟ ଦେବେ। ତେଣୁ, ଯେଉଁମାନେ କମ୍ ଦୂରତା ପାଇଁ ରାଜପଥ ବ୍ୟବହାର କରନ୍ତି ସେମାନେ ଏଥିରେ ଉପକୃତ ହୋଇପାରନ୍ତି। ଯେଉଁମାନେ ଦୀର୍ଘ ଦୂରତା ପାଇଁ ଯାତ୍ରା କରନ୍ତି, ସେମାନଙ୍କ ପାଇଁ ମୋଟ ମୂଲ୍ୟ ସମାନ କିମ୍ବା ବର୍ତ୍ତମାନର ବ୍ୟବସ୍ଥା ତୁଳନାରେ ସାମାନ୍ୟ ଅଧିକ ହୋଇପାରେ। ହେଲେ ଏଥିରେ ସବୁଠାରୁ ବଡ଼ ଚିନ୍ତା ହେଉଛି ତଥ୍ୟ ସୁରକ୍ଷା। ଜିପିଏସ୍-ଭିତ୍ତିକ ବ୍ୟବସ୍ଥା ଯାନବାହାନର ସ୍ଥାନ ଏବଂ ଗତିବିଧି ସମ୍ବନ୍ଧୀୟ ସୂଚନା ରେକର୍ଡ କରିବ। ତେଣୁ, ଏହି ତଥ୍ୟ କେବଳ ଟୋଲ୍ ସଂଗ୍ରହ ପାଇଁ ବ୍ୟବହାର କରାଯିବା ଏବଂ ଏହାର ଅପବ୍ୟବହାର ନକରିବା ଅତ୍ୟନ୍ତ ଜରୁରୀ।


# ୟୁଜରଙ୍କ ବିନା ଅନୁମତିରେ ଡାଟା ସେୟାର କରିପାରିବନି ମେଟା

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):** ମେଟା ଓ ହ୍ୱାଟ୍ସଆପ ସୋମବାର ସୁପ୍ରିମକୋର୍ଟରେ ଏନ୍‌ସିଏଲଏଟି ଆଦେଶ ପାଳନ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଦେଶ ଭାରତୀୟ ପ୍ରତିଯୋଗୀତା ଆୟୋଗ (ସିସିଆଇ) ଦ୍ୱାରା ନିର୍ଦ୍ଧାରିତ ପ୍ରାଇଭେସି ଓ ୟୁଜର କନସେଣ୍ଟ ସମ୍ପର୍କିତ ସୁରକ୍ଷା ସର୍ତ୍ତ ସହ ସମ୍ବନ୍ଧିତ। ଏହାର ସିଧା ଅର୍ଥ ହେଉଛି ୟୁଜରଙ୍କୁ ସେମାନଙ୍କ ଡାଟା ସେୟାରିଂକୁ ନେଇ ଅଧିକ ନିୟନ୍ତ୍ରଣ ଓ ସ୍ପଷ୍ଟ ବିକଳ୍ପ ମିଳିବ। ୟୁଜରଙ୍କ ବିନା ଅନୁମତିରେ ମେଟା ସେମାନଙ୍କର ଡାଟାକୁ ବିଜ୍ଞାପନ କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ସେୟାର କରିପାରିବନାହିଁ। କମ୍ପାନୀ କହିଛି ଯେ ମାର୍ଚ୍ଚ ୧୬ ତାରିଖ ସୁଦ୍ଧା ଏନସିଏଲଟିଙ୍କ ନିର୍ଦ୍ଦେଶର ପାଳନ ହେବ। ଶୁଣାଣି କାଳରେ ବରିଷ୍ଠ ଓକିଲ କପିଲ ଶିବଲ କୋର୍ଟଙ୍କୁ କହିଛନ୍ତି ଯେ ଏ ବାବଦରେ ଏକ ସତ୍ୟପାଠ ଦାଖଲ ହୋଇଛି। ଏଥିରେ ସ୍ପଷ୍ଟ କରାଯାଇଛି ଯେ କେଉଁ ଡାଟା ସେୟାର କରାଯାଏ ଓ କଣ ସେୟାର ହୁଏନି। ନଭେମ୍ବର ୨୦୨୫ରେ ଏନସିଏଲଏଟି ହ୍ୱାଟ୍ସଆପ ଉପରେ ସିସିଆଇଙ୍କ ଦ୍ୱାରା ୨୦୨୧ ପ୍ରାଇଭେସି ପଲିସି ନେଇ ଲଗାଇଥିବା ଜରିମାନା କାୟମ ରଖିଥିଲେ। ଟ୍ରିବ୍ୟୁନାଲ ମାନିଛନ୍ତି ଯେ ହ୍ୱାଟ୍ସଆପ୍ ୟୁଜରଙ୍କ ଉପରେ ଅନୁଚିତ ସର୍ତ୍ତ ଲଗାଇଥିଲା ଓ କ୍ରସ ପ୍ଲାଟଫର୍ମ ଡାଟା ସେୟାରିଂରୁ ମେଟାକୁ ଅନଲାଇନ ବିଜ୍ଞାପନରୁ ଅନୁଚିତ ଲାଭ ମିଳିଛି।

**ନଇଁଲା ହ୍ୱାଟ୍ସଆପ**

# ଭାରତ ଟ୍ୟାକ୍ସିର ଲାଭରେ 'ସାରଥି'ଙ୍କ ଅଂଶ ରହିବ

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):** କେନ୍ଦ୍ର ଗୃହ ଏବଂ ସମବାୟମନ୍ତ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ଭାରତ ଟ୍ୟାକ୍ସିର ସାରଥିମାନଙ୍କ ସହ ମତ ବିନିମୟ କରିଥିଲେ। ଏହି ଆଲୋଚନା ସମୟରେ କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଯେଉଁମାନେ ଶ୍ରମ କରନ୍ତି, ସେମାନେ ହିଁ ଲାଭ ପାଇବା ଉଚିତ। ସେ କହିଥିଲେ ଯେ ଏହାର ଉଦ୍ଦେଶ୍ୟ ହେଉଛି ଟ୍ୟାକ୍ସି ମାଲିକଙ୍କୁ ସମୃଦ୍ଧ କରିବା ଏବଂ ସାରଥି ହେଉଛନ୍ତି ପ୍ରକୃତ ମାଲିକ। ଶ୍ରୀ ଶାହ କହିଥିଲେ ଯେ ସାରଥି' ମାନେ ହେଉଛନ୍ତି ଭାରତ ଟ୍ୟାକ୍ସିର ମାଲିକ ଏବଂ ଏହାର ଲାଭରେ ସେମାନଙ୍କର ମଧ୍ୟ ଅଂଶ ରହିବ। ସମବାୟ ମନ୍ତ୍ରୀ କହିଥିଲେ ଯେ ଆଗାମୀ ତିନି ବର୍ଷ ମଧ୍ୟରେ ଦେଶର ପ୍ରତ୍ୟେକ ନଗର ନିଗମରେ ଭାରତ ଟ୍ୟାକ୍ସି ଉପଲବ୍ଧ ହେବ। ଶ୍ରୀ ଶାହ କହିଥିଲେ ଯେ ଦେଶର ୫ଟି ପ୍ରମୁଖ ସମବାୟ ସମିତିକୁ ଏକାଠି କରି ଭାରତ ଟ୍ୟାକ୍ସି ପ୍ରତିଷ୍ଠା କରାଯାଇଛି। ସେ କହିଥିଲେ ଯେ ସାରଥିଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ, ଅଂଶୀଦାର ହେବାକୁ ଚାହୁଁଥିବା ଯେକୌଣସି ସାରଥି ୫୦୦ ଟଙ୍କା ମୂଲ୍ୟର ସେୟାର କ୍ରୟ କରି ମାଲିକାନା ଅଧିକାର ହାସଲ କରିବେ। ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ ଯେତେବେଳେ ଭାରତ ଟ୍ୟାକ୍ସିର ନିର୍ଦ୍ଦେଶକ ମଣ୍ଡଳୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ, ସେତେବେଳେ କେତେକ ଆସନ ସାରଥିମାନଙ୍କ ପାଇଁ ସଂରକ୍ଷିତ ରହିବ। ଥରେ ସାରଥିମାନେ ନିର୍ଦ୍ଦେଶକ ମଣ୍ଡଳୀର ଅଂଶ ହୋଇଗଲେ, ସେମାନେ ନିଜେ ଅନ୍ୟ ଚାଳକମାନଙ୍କ ସ୍ୱାର୍ଥ ଏବଂ ଚିନ୍ତାଧାରାକୁ ସୁରକ୍ଷା ଏବଂ ପ୍ରତିନିଧିତ୍ୱ କରିବେ।



# ୧୯ ବର୍ଷ ବୟସରେ ଷ୍ଟାର୍ଟଅପ୍; ଏବେ ଅରବପତି

ନୂଆଦିଲ୍ଲୀ,୨୩।୨(ଏଜେନ୍ସି)

ଆଲେକଜାଣ୍ଡାର ୱାଙ୍ଗ ଯାହାଙ୍କ କ୍ୟାରିୟରକୁ ନେଇ ଏଆଇ ଜଗତରେ ଚର୍ଚ୍ଚା। ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ହେଉଥିବା ଏଆଇ ଇମ୍ପାକ୍ଟ ସମ୍ମିଳନୀରେ ବିଶ୍ୱର ପ୍ରମୁଖ ଟେକ୍ ନେତୃବୃନ୍ଦ ଯୋଗଦେଇଥିଲେ। ଓପନ୍‌ଏଆଇ ସିଇଓ ସାମ୍ ଅଲ୍ଟମ୍ୟାନ୍, ଗୁଗୁଲ୍ ସିଇଓ ସୁନ୍ଦର ପିଚାଇ ଏବଂ ଅନ୍ୟାନ୍ୟ ବିଶ୍ୱସ୍ତରୀୟ ପ୍ରସିଦ୍ଧ ବ୍ୟକ୍ତିଙ୍କ ମଧ୍ୟରେ ୱାଙ୍ଗଙ୍କ ଉପସ୍ଥିତି ବିଶେଷ ଦୃଷ୍ଟି ଆକର୍ଷଣ କରିଛନ୍ତି ୨୮ ବର୍ଷୀୟ ଉଦ୍ୟୋଗୀ ଆଲେକଜାଣ୍ଡାର ୱାଙ୍ଗ୍। ସେ ମେଟାର ମୁଖ୍ୟ ଏଆଇ ଅଧିକାରୀ ଭାବରେ କାର୍ଯ୍ୟ କରୁଛନ୍ତି। ମାତ୍ର ୧୯ ବର୍ଷରେ ଷ୍ଟାର୍ଟଅପ୍ ନିର୍ମାଣ କରିଥିବା ୱାଙ୍ଗ୍ ୨୮ ବର୍ଷରେ ଅରବପତି ପାଲଟିଛନ୍ତି। ଏବେ ସମସ୍ତଙ୍କ ଉତ୍କଣ୍ଠା ଯେ, ଏତେ କମ୍ ବୟସରେ ବିଶ୍ୱ ଏଆଇ ଦୁନିଆର ଶିଖରରେ ପହଞ୍ଚିଥିବା ଏହି ବ୍ୟକ୍ତି ଜଣକ କିଏ?

**ଚର୍ଚ୍ଚାରେ ଏଆଇ କିଙ୍ଗ୍ ଆଲେକଜାଣ୍ଡାର ୱାଙ୍ଗ୍**



ଆଲେକଜାଣ୍ଡାର ୱାଙ୍ଗ୍ ଜଣେ ଆମେରିକୀୟ ଟେକ୍ ଉଦ୍ୟୋଗୀ ଯିଏ ମାତ୍ର ୧୯ ବର୍ଷ ବୟସରେ ତାଙ୍କର କମ୍ପାନୀ ସ୍କେଲ୍ ଏଆଇ ପ୍ରତିଷ୍ଠା କରିଥିଲେ। ଏହି କମ୍ପାନୀ କୃତ୍ରିମ ବୁଦ୍ଧିମତ୍ତା ମଡେଲଗୁଡ଼ିକୁ ତାଲିମ ଦେବା ପାଇଁ ଡାଟା ଲେବଲ୍ କରିଥାଏ। ସରଳ ଭାବରେ କହିବାକୁ ଗଲେ, ଏଆଇ ସଠିକ୍ ଭାବରେ ପ୍ରତିକ୍ରିୟା ଦେବା ପାଇଁ ପ୍ରଥମେ ଉପଯୁକ୍ତ ଉଦାହରଣ ସହିତ ଶିକ୍ଷା ଦେବାକୁ ପଡିବ। ସ୍କେଲ୍ ଏଆଇ ଏହି ଶିକ୍ଷାଦାନ କାର୍ଯ୍ୟ କରେ। ଏହାର ଗ୍ରାହକମାନଙ୍କ ମଧ୍ୟରେ ଏନ୍‌ଭିଡିଆ, ଆମାଜନ୍ ଏବଂ ମେଟା ଭଳି ପ୍ରମୁଖ ଟେକ୍ କମ୍ପାନୀଗୁଡ଼ିକ ଅନ୍ତର୍ଭୁକ୍ତ। ଫୋର୍ବସ୍ ରିପୋର୍ଟ ଅନୁଯାୟୀ, ଆଲେକଜାଣ୍ଡର ୱାଙ୍ଗ୍‌ଙ୍କ ସମ୍ପତ୍ତି ୩.୨ ବିଲିୟନ ଡଲାର। ଏହା ଭାରତୀୟ ଟଙ୍କା ତୁଳନାରେ ୨୮,୮୦୦ କୋଟି ଟଙ୍କା ଅର୍ଥାତ୍ ପ୍ରାୟ ୨.୮ ବିଲିୟନ ଡଲାର ହେବ। ୱାଙ୍ଗ ୧୯୯୭ରେ ନ୍ୟୁ ମେକ୍ସିକୋରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଓ ମା ଚୀନ୍ ବଂଶୋଦ୍ଭବ। ଉଭୟେ ପଦାର୍ଥ ବିଜ୍ଞାନୀ ଥିଲେ।

ସେ ପିଲାଦିନରୁ ଗଣିତ ଏବଂ ବିଜ୍ଞାନରେ ଅତ୍ୟନ୍ତ ପ୍ରତିଭାଶାଳୀ ଥିଲେ। ମାତ୍ର ୧୭ ବର୍ଷ ବୟସରେ ସେ ସିଲିକନ୍ ଭ୍ୟାଲିରେ ଜଣେ ଇଞ୍ଜିନିୟର ଭାବରେ କାମ କରିବା ଆରମ୍ଭ କରିଥିଲେ। ସେ ମିଟ୍‌ସରେ ମଧ୍ୟ ପଢ଼ିଥିଲେ, କିନ୍ତୁ ଷ୍ଟାର୍ଟଅପ୍ ଦୁନିଆକୁ ଏଣ୍ଟ୍ରି କରିବା ପାଇଁ ଗୋଟିଏ ବର୍ଷ ପରେ ସେ ଛାଡି ଦେଇଥିଲେ।

୨୦୨୫ରେ ନୂଆ ମୋଡ଼ ଆସିଥିଲା ଯେତେବେଳେ ମେଟା ପ୍ଲାଟଫର୍ମଗୁଡ଼ିକ ସ୍କେଲ୍ ଏଆଇରେ ୪୯% ଅଂଶଧନ ହାସଲ କରିବା ପାଇଁ ପ୍ରାୟ ୧୪.୩ ବିଲିୟନ ଡଲାର ନିବେଶ କରିଥିଲେ। ମେଟାରେ ମୁଖ୍ୟ ଇଓ ଅଧିକାରୀ ଭୂମିକା ଗ୍ରହଣ କଲେ।

ସେ ବର୍ତ୍ତମାନ କମ୍ପାନୀର ସୁପର ଇଣ୍ଟେଲେକ୍ଟୁଆଲ୍ ଲ୍ୟାବର ନେତୃତ୍ୱ ନେଉଛନ୍ତି, ଯେଉଁଠାରେ ପରବର୍ତ୍ତୀ ପିଢ଼ିର ଏଆଇ ପ୍ରଯୁକ୍ତିବିଦ୍ୟା ବିକଶିତ ହେଉଛି। ଆଲେକଜାଣ୍ଡର ୱାଙ୍ଗ ଜଣେ ଆମେରିକୀୟ ଉଦ୍ୟୋଗୀ ଯିଏ ୨୦୨୨ ରେ ବିଶ୍ୱର ସର୍ବକନିଷ୍ଠ ଅରବପତି ହୋଇଛନ୍ତି। ଏଆଇ ସମିଟରେ ୱାଙ୍ଗ୍ କହିଥିଲେ ଯେ ଏଆଇର ପ୍ରକୃତ ଶକ୍ତି କେବଳ ପ୍ରଯୁକ୍ତିବିଦ୍ୟାରୁ ଆସିବ ନାହିଁ। ସେ ବିଶ୍ୱାସ କରନ୍ତି ଯେ ଏଆଇର ଲାଭ ସମାଜରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ସରକାର ଏବଂ ଘରୋଇ କମ୍ପାନୀଗୁଡ଼ିକୁ ଏକାଠି କାମ କରିବାକୁ ପଡିବ। ଆଗାମୀ ୫ ବର୍ଷ ମଧ୍ୟରେ ଏଆଇ ଏତେ ସକ୍ଷମ ହୋଇଯିବ ଯେ ଏହା ପ୍ରାୟ ସମସ୍ତ କୋଡ୍ ନିଜେ ଲେଖିପାରିବ। ତାଙ୍କ ଅନୁସାରେ, ଯେଉଁମାନେ ଆଜି ଏଆଇ ସହିତ କାମ କରିବାକୁ ଶିଖନ୍ତି ସେମାନେ ଆସନ୍ତାକାଲିର ଡିଜିଟାଲ୍ ଅର୍ଥନୀତିର ଶିଖରରେ ରହିବେ।

### ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା କାର୍ଯ୍ୟକ୍ରମ

# ୨୦୦ ବସ୍ ମାଲିକଙ୍କୁ ଏଯାଏଁ ମିଳିନି ଭଡ଼ା ଟଙ୍କା

ଟାଙ୍ଗୀ, ୨୩।୨ (ସମିସ): ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା କାର୍ଯ୍ୟକ୍ରମରେ ବ୍ୟବହୃତ ୨୦୦ ବସ୍ ମାଲିକଙ୍କୁ ଏଯାଏ ସେମାନଙ୍କର ଭଡ଼ା ଟଙ୍କା ମିଳିନି। ଫଳରେ ସେମାନଙ୍କ ଢ଼ିଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସୂଚନାଯୋଗ୍ୟ ଗତ ସେପ୍ଟେମ୍ବର ୨୮ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନ୍ୟାସନାଲ ମେଡିଟେସନ କନଫରେନସ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସାମିଲ କରିବା ପାଇଁ ପରିବହନ ବାବଦରେ ଯାତ୍ରୀବାହୀ ବସ ଆବଶ୍ୟକତା ପଡ଼ିବାରୁ ଭୁବନେଶ୍ୱର, ବାଲୁଗାଁ, ପୁରୀ, ବାଙ୍କୀ, ବୋଲଗଡ ଅଞ୍ଚଳରୁ ୨୦୦ ଯାତ୍ରୀବାହୀ ବସ୍‌ଗୁଡ଼ିକୁ ଅଗ୍ରିମ ଆକାରରେ କାହାକୁ ୨୫ ହଜାର ତ କାହାକୁ ୨୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ -(୧)ଙ୍କ ତରଫରୁ ୫୫ଲକ୍ଷ ଟଙ୍କା ଭୁବନେଶ୍ୱରର ଏକ ନିର୍ଦ୍ଦିଷ୍ଟ ଘରୋଇ ବସ ମାଲିକ ସଂଘକୁ ପ୍ରଦାନ କରାଯାଇଥିଲା। ତେବେ ଇତିମଧ୍ୟରେ ୪ ମାସରୁ ଅଧିକ ସମୟ ଅତିକ୍ରମ ହୋଇସାରିଥିଲେ ମଧ୍ୟ ବକେୟା ଟଙ୍କା ମିଳିପାରିନାହିଁ। ଝାରସୁଗୁଡା ଜିଲ୍ଲା ପ୍ରଶାସନର ଅପାରଗତା ଯୋଗୁ ଏଭଳି ଅବ୍ୟବସ୍ଥା ଘଟିଥିବା ଜଣାପଡିଛି।

ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ୪୫୦ରୁ ଅଧିକ ବସ୍ ନିୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ଝାରସୁଗୁଡ଼ାରେ ଯାତ୍ରୀବାହୀ ବସ୍ ଅଭାବ ପଡ଼ିବା ଯୋଗୁଁ ଝାରସୁଗୁଡା ଜିଲ୍ଲାପାଳ ଭୁବନେଶ୍ୱର ଆଞ୍ଚଳିକ ପରିବହନକୁ ଆବଶ୍ୟକତା ଅନୁସାରେ ବସ୍ ଯୋଗାଇଦେବା ପାଇଁ କହିଥିଲେ। ମାସ ମାସ ଧରି ଏହି ପ୍ରାପ୍ୟ ପାଇବା ନିମନ୍ତେ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ଥିବା ଜଣାପଡ଼ିଛି। ଏପରିକି, ଏହି ଘଟଣା ସଂପର୍କରେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁରଙ୍କ ଦୃଷ୍ଟିକୁ ଅଣାଯାଇଥିବା ଭୁବନେଶ୍ୱର ଘରୋଇ ବସ୍ ମାଲିକ ସଂଘ ତରଫରୁ ସୂଚନା ମିଳିଛି। ଆଗାମୀ ଦିନରେ ସରକାରଙ୍କ ଜରୁରୀ ଆବଶ୍ୟକତା ସମୟରେ ଘରୋଇ ବସ ଯୋଗାଇଦେବାରେ ଅସହଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଧାନ ଚାଷପ୍ରବଣତା ବଢ଼ାଇଛି ଇନ୍‌ପୁଟ୍ ସହାୟତା: ସୁରେଶ ପୂଜାରୀ

ଭୁବନେଶ୍ୱର,୨୩।୨(ସମିସ): ରାଜ୍ୟରେ ଧାନ ପାଇଁ ଇନ୍‌ପୁଟ୍ ସହାୟତା ପ୍ରଦାନ ପରେ ଅଧିକ ଚାଷୀ ପଞ୍ଜୀକରଣ, ଅଧିକ ଚାଷଜମି ପଞ୍ଜୀକରଣ ସହ ଅନ୍ୟ ଫସଲ ପରିବର୍ତ୍ତେ ଧାନ ଚାଷର ପ୍ରବଣତା ବୃଦ୍ଧି ପାଇଛି। ଏହାଫଳରେ କେତେକ ପ୍ରାରମ୍ଭିକ ଚାପ ସୃଷ୍ଟି ହୋଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସୋମବାର ମନ୍ତ୍ରୀ ଶ୍ରୀ ପୂଜାରୀ ସାମ୍ବାଦିକ ସମ୍ମିଳନୀ କରି ଏହା ବିଜେପି ସରକାରଙ୍କ କୃଷି ନୀତିର ସଫଳତାର ପ୍ରତିଫଳନ ବୋଲି କହିଛନ୍ତି। ତେବେ ଏହି ଚାପକୁ ଦୃଷ୍ଟିରେ ରଖି ଭବିଷ୍ୟତରେ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ଭିତ୍ତିଭୂମି ଗଢ଼ି ତୋଳିବା ଏକ ସମୟ ସାପେକ୍ଷ ଏବଂ ପର୍ଯ୍ୟାୟକ୍ରମିକ ପ୍ରକ୍ରିୟା। ଦୀର୍ଘ ଦିନ ଧରି ଅବହେଳିତ ଅଞ୍ଚଳଗୁଡ଼ିକରେ ଗୋଟିଏ ଦିନରେ ପରିବର୍ତ୍ତନ ଆଣିହେବ ନାହିଁ। କିନ୍ତୁ ଆମ ସରକାର ଯୋଜନାବଦ୍ଧ ଭାବରେ ଏହାକୁ ସୁଦୃଢ଼ କରିବାକୁ ଦୃଢ଼ ପଦକ୍ଷେପ ନେଇଛି। ମଣ୍ଡିରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୯୭୩ଟି ଭିତ୍ତିଭୂମି ଉନ୍ନୟନ କାମ ଆରମ୍ଭ କରାଯାଇଛି। ଏହାମଧ୍ୟରୁ ୨୧୨ଟି କାମ ସମ୍ପୂର୍ଣ୍ଣ ହୋଇସାରିଛି। ଅନ୍ୟ ୪୬୬ଟି କାମ ଶୀଘ୍ର ସମାପ୍ତି ପଥରେ ଅଛି। ରାଜ୍ୟରେ ୧୦୦ଟି ମଡେଲ୍ ମଣ୍ଡି ସ୍ଥାପନ କରାଯିବ ଓ ୫ ଲକ୍ଷ ମେଟ୍ରିକ୍ ଟନ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି। ସମଗ୍ର ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଶୃଙ୍ଖଳିତ, ବ୍ୟବସ୍ଥିତ ଏବଂ ସ୍ୱଚ୍ଛ ଭାବେ ଆଗେଇ ଚାଲିଛି। ମଣ୍ଡିଗୁଡ଼ିକରେ ସାମାନ୍ୟ କେତେକ ଅବ୍ୟବସ୍ଥା ହୋଇଥିଲେ ମଧ୍ୟ କୌଣସି ବିଶୃଙ୍ଖଳା ନାହିଁ, ଧାନ ଉଠାଇବାରେ କୌଣସି ସ୍ଥାଣୁତା ନାହିଁ କିମ୍ବା ଚାଷୀଙ୍କ ପ୍ରାପ୍ୟ ପ୍ରଦାନରେ କୌଣସି ବିଳମ୍ବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ତେଣୁ ବିରୋଧୀ ବନ୍ଧୁମାନେ ରାଜନୈତିକ ସଂକୀର୍ଣ୍ଣତାରୁ ଉପରକୁ ଉଠି ଏହି ପରିବର୍ତ୍ତନକୁ ସ୍ୱୀକାର କରନ୍ତୁ ଏବଂ ଆଲୋଚନାକୁ ଆସନ୍ତୁ। ବ୍ୟବସ୍ଥାକୁ ସ୍ୱଚ୍ଛତାର ସର୍ବୋଚ୍ଚ ସ୍ତରକୁ ନେବାପାଇଁ ପ୍ରତ୍ୟେକ ପରାମର୍ଶ ସରକାରଙ୍କ ପାଇଁ ସ୍ୱାଗତଯୋଗ୍ୟ ବୋଲି ସେ କହିଛନ୍ତି।

# ରେଳଧାରଣାରୁ ସଂସ୍କୃତ ଶିକ୍ଷକଙ୍କ ଶବ ଉଦ୍ଧାର

### ପକେଟରୁ ମିଳିଲା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କାରଣ ଦର୍ଶାଅ ନୋଟିସ

ରାୟଗଡ଼ା, ୨୩।୨(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଜେମାଦେଇପେଣ୍ଠସ୍ଥିତ କଳିଙ୍ଗା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପଞ୍ଚାନନ ଚୌଧୁରୀ(୫୫)ଙ୍କର ମୃତ ଶରୀର ଆଜି ରେଳଧାରଣାରୁ ଉଦ୍ଧାର ହୋଇଛି। ବିଦ୍ୟାଳୟ ନିକଟସ୍ଥ ଜାଙ୍ଗିଡି ଯିବା ରେଳ ଫାଟକରେ ଏକ ଅଜଣା ମାଲବାହୀ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିବା କୁହାଯାଉଛି। ରେଳ ଧାରଣାରେ ତାଙ୍କର ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ି ରହିଥିଲା। ଫାଟକ କର୍ମଚାରୀ ଜେମାଦେଇପେଣ୍ଠ ରେଳ ଷ୍ଟେସନ ମାଷ୍ଟରଙ୍କୁ ଅବଗତ କରାଇବା ପରେ ଷ୍ଟେସନ ମାଷ୍ଟର ରାୟଗଡ଼ା ସରକାରୀ ରେଳବାଇ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଜିଆରପିଏସ ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜିଆରପି ଥାନା ନିରୀକ୍ଷକ ବିନୟ ପ୍ରକାଶ ମିଞ୍ଜଙ୍କ ନେତୃତ୍ୱରେ ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ମହାବୀର ଶର୍ମା, ସହାୟକ ଏଏସଆଇ ମାଣିକ ଚନ୍ଦ୍ର ଗୌଡ, ଆରପିଏଫ୍ ଏସ୍‌ଆଇ କେଏସଭିଏନ୍‌ଏସ ଆପାରାଓ, ହାବିଲଦାର ପ୍ରଦୀପ କୁମାର ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ମୃତକଙ୍କ ନିକଟରୁ ଏକ ଚଷମା, ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ତରଫରୁ ମିଳିଥିବା ଏକ କାରଣ ଦର୍ଶାଅ ନୋଟିସ ଜବତ କରିଥିଲେ। ଉକ୍ତ କାରଣ ଦର୍ଶାଅ ନୋଟିସରେ ମୃତକ ଶ୍ରୀ ଚୌଧୁରୀ ଚାଲିଥିବା ମାଟ୍ରିକ୍



ପରୀକ୍ଷାରେ ଗତ ୨୧ ତାରିଖରେ ଅନୁପସ୍ଥିତ ରହିଥିବା ଏବଂ ଛୁଟି ପାଇଁ ମଧ୍ୟ ପ୍ରଧାନଶିକ୍ଷକଙ୍କ ନିକଟରେ କୌଣସି ଦରଖାସ୍ତ ଆବେଦନ କରି ନଥିବାରୁ ଡ୍ୟୁଟିରେ ଅବହେଳା ପାଇଁ ଏବଂ କାହିଁକି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ତାଙ୍କ ବିରୁଦ୍ଧରେ ଗ୍ରହଣ କରାଯିବ ନାହିଁ, ଦୁଇ ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ଉଲ୍ଲେଖ ରହିଛି।

ଆଜି ସକାଳେ ସଂସ୍କୃତ ଶିକ୍ଷକ ଶ୍ରୀ ଚୌଧୁରୀ ବିଦ୍ୟାଳୟକୁ ଯାଇଥିଲେ। ବିଦ୍ୟାଳୟ ନିକଟସ୍ଥ ରେଳ ଫାଟକ ନିକଟରେ ରେଳଧାରଣାରେ ତାଙ୍କ ଶବ ମିଳିବା କାରଣ ଜଣାପଡ଼ିନାହିଁ। ତେବେ ଏହା ଆତ୍ମହତ୍ୟା ନା ଦୁର୍ଘଟଣା, ସେନେଇ ପୁଲିସ ତଦନ୍ତ ଚଳାଇଛି। ରାୟଗଡ଼ା ସହରର ରାଣୀଗୁଡା ଫାର୍ମ ଅଞ୍ଚଳର ସୁବାସନଗର ପ୍ରଥମ ଗଳିରେ ସେ ନିଜ ପତ୍ନୀ ଓ ଝିଅଙ୍କ ସାଥିରେ ରହୁଥିଲେ ବୋଲି ଜଣାପଡ଼ିଛି।

### ଖରମୁଣ୍ଡା ପିପିସି ଧାନ କ୍ରୟ ଜାଲିଆତି

# ୨ କର୍ମଚାରୀ ନିଲମ୍ବିତ

ବରଗଡ଼, ୨୩।୨ (ସମିସ): ଜିଲ୍ଲାର ବିଜେପୁର ବ୍ଲକ୍ ବଡବାଉସେନ ପାକ୍ସ ଅଧୀନ ଖରମୁଣ୍ଡା ପିପିସିରେ ଧାନ କ୍ରୟ ପ୍ରକ୍ରିୟାରେ ଦୁର୍ନୀତି ତଥ୍ୟ ସାମ୍ନାକୁ ଆସିବା ପରେ ଜିଲ୍ଲା ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରିଛି। ବଡ଼ ବାଉସେନ ପାକ୍ସର ଡିଇଓ ରଞ୍ଜନ ସାହୁ ଓ ଖରମୁଣ୍ଡା ମାର୍କେଟ ଇନ୍‌ଚାର୍ଜ ମିନକେତନ ସାହୁଙ୍କୁ ନିଲମ୍ବିନ କରାଯାଇଛି। ଏହାସହ ପାକ୍ସ ସମ୍ପାଦକ ଦୀପକ ସାହୁଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଗୋଟିଏ ଟ୍ରାକ୍ଟର୍ ୫ ମିନିଟ୍‌ରେ ୨୮ କିଲୋମିଟର ଦୂରତା ଅତିକ୍ରମ କରିଥିବା ଦର୍ଶାଯାଇଥିଲା। ଏହାସହ ଏକ ଗାଡ଼ି ନମ୍ବରରେ ୨ଟି ଟ୍ରାନଜିଟ ପାସ ଜାରି ହୋଇଥିବା ଓ ସମୟ ମାର୍ଜିନ୍‌ରେ ଅସମତା ଦେଖାଦେଇଥିଲା। ଫଳରେ ଧାନକ୍ରୟ ପ୍ରଣାଳୀର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଥିଲା। ପାକ୍ସ ପକ୍ଷରୁ ଏହାକୁ 'ସର୍ଭର ତ୍ରୁଟି' ବୋଲି କୁହାଯାଇ ଥିଲା। ହେଲେ କୃଷକ ମହଲ ଏହି ଘଟଣାକୁ ସହଜ ଭାବେ ଗ୍ରହଣ କରି ନଥିଲେ। ଚାଷୀ ନେତା ରମେଶ ମହାପାତ୍ର ଅନ୍ୟ ମଣ୍ଡିମାନଙ୍କ ଏଣ୍ଟ୍ରି ଯାଞ୍ଚ ପାଇଁ ଦାବି କରିଥିଲେ। ଖବର ପାଇବା ପରେ ଜିଲ୍ଲା ପ୍ରଶାସନ ଘଟଣାର ତଦନ୍ତ ପାଇଁ ୬ ଜଣିଆ କମିଟି ଗଠନ କରିଥିଲା। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଏହି ରିପୋର୍ଟ ପ୍ରଦାନ କରାଯାଇଥିଲା। ରିପୋର୍ଟ ଆଧାରରେ ଏସଆରସିଏସ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିରେ ୨ଜଣ ପାକ୍ସ କର୍ମଚାରୀଙ୍କୁ ନିଲମ୍ବନ କରାଯିବା ସହ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତେବେ ଜାଲ ପଞ୍ଜୀକରଣ ମାଧ୍ୟମରେ ଅନିୟମିତତା ସାବ୍ୟସ୍ତ ହୋଇଥିବା ସୂଚନା ମିଳିଛି। ଜିଲ୍ଲା ପ୍ରଶାସନ ଧାନ କିଣାବିକାରେ କୌଣସି ପ୍ରକାରର ଜାଲିଆତି କିମ୍ବା ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛି। ଆଗାମୀ ଦିନରେ ଏପରି ଅଭିଯୋଗ ଆସିଲେ ଅଧିକ କଡା ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଆଦିତ୍ୟ ଗୋୟଲ କହିଛନ୍ତି।

# ସରକାରୀ ସ୍କୁଲ୍ ପ୍ରଧାନଶିକ୍ଷକ ନିଖୋଜ

ଝରିଗାଁ,୨୩।୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ନିକଟସ୍ଥ ବଡ଼ଭରଣ୍ଡି ଗ୍ରାମର ଅଲେଖ ଚରଣ ଭକ୍ତ(୩୨) ଝରିଗାଁ ବ୍ଲକ୍ ଅନ୍ତର୍ଗତ ରତାଖଣ୍ଡିଗୁଡ଼ା ଗ୍ରାମସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ତାଙ୍କୁ ଚଳିତ ବର୍ଷ ଦଶମ ପରୀକ୍ଷା ପାଇଁ ଝରିଗାଁ ବ୍ଲକ ଅନ୍ତର୍ଗତ କଲେଗାଁ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେ ନିଜ ଦାୟିତ୍ୱ ସମ୍ପନ୍ନ କରି ଗତ ଶନିବାର ଅପରାହ୍ନ ୧୨ଟା ୧୫ ମିନିଟରେ କଲେଗାଁ ସ୍କୁଲରୁ ବାହାରିଥିଲେ। ସେ ନିଜ ଘର ବଡ଼ଭରଣ୍ଡି ଗ୍ରାମକୁ ପହଞ୍ଚି ନଥିଲେ। ପରିବାର ଲୋକେ ଏ ସଂପର୍କରେ

**ଝରିଗାଁ ଥାନାରେ ଏତଲା**



ଝରିଗାଁ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ପ୍ରଧାନ ଶିକ୍ଷକଙ୍କୁ ଖୋଜିବା ଆରମ୍ଭ କରିଛି। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ଖବର ମିଳିପାରିନାହିଁ।

### ପାରିବାରିକ କଳହର କରୁଣ ପରିଣତି

# ମଦ୍ୟପ ସାନ ଭାଇକୁ ହତ୍ୟା କଲା ବଡ଼

ମୋହନା,୨୩।୨(ସମିସ): ପାରିବାରିକ କଳହର କରୁଣ ପରିଣତି। ସାନ ଭାଇକୁ ହତ୍ୟା କଲା ବଡ଼ ଭାଇ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମୋହନା ଥାନା ଅନ୍ତର୍ଗତ କରଞ୍ଜକୁଆ ଗୁଡିସାହି ଗାଁରେ। ମୃତକ ହେଲେ ସେହି ଗ୍ରାମର ହତ୍ୟାକାରୀ ଗୋବିନ୍ଦଙ୍କ ସାନ ଭାଇ ଲୁବି ମଳିକ। ଗତକାଲି ରବିବାର ରାତିରେ ଗୁଡିସାହିରେ କୌଣସି ଘଟଣାକୁ ନେଇ ବଡ଼ ଭାଇ ଗୋବିନ୍ଦ ମଳିକ ଓ ସାନ ଭାଇ ଲୁବି ମଳିକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ସାନ ଭାଇ ଲୁବି ମଦ୍ୟପାନ କରି ନିଜ ସ୍ତ୍ରୀଙ୍କୁ ମାଡ଼ ମାରିଥିଲା। ଏହି ସମୟରେ ବଡ଼ ଭାଇ ଗୋବିନ୍ଦ ଓ ଭାଉଜ ବୁଝାଉଥିବା ବେଳେ ତାଙ୍କୁ ମଧ୍ୟ ଲୁବି ଆକ୍ରମଣ କରିଥିଲା। ନିଜକୁ ରକ୍ଷା କରିବା ପାଇଁ ବଡ଼ ଭାଇ ଗୋବିନ୍ଦ ସାନ ଭାଇ ଲୁବିକୁ ପ୍ରତି ଆକ୍ରମଣ କରିବା ବେଳେ ସେ ପଥର ଗଦା ଉପରେ ପଡିଯାଇଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣା ସ୍ଥଳରେ ଲୁବି ଙ୍କ ମୃତ୍ୟୁ ଘଟିଛି ବୋଲି ମୃତକଙ୍କ ସ୍ତ୍ରୀ କହିଛନ୍ତି। ଅନ୍ୟ ପକ୍ଷରେ ମୃତ ଲୁବି ସବୁବେଳେ ମଦ ପିଇ ସମସ୍ତଙ୍କୁ ମାଡ଼ ମାରୁଥିଲା ବୋଲି ବଡ ଭାଇ ଗୋବିନ୍ଦଙ୍କ ସ୍ତ୍ରୀ କହିଛନ୍ତି। ଖବର ପାଇ ମୋହନା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଅଭିଯୁକ୍ତ ବଡ଼ ଭାଇ ଗୋବିନ୍ଦ ମଳିକକୁ ଗିରଫ କରାଯାଇଥିବା ବେଳେ ଟାଙ୍ଗିଆ ଦ୍ୱାରା ମୁଣ୍ଡ ପଛ ଭାଗକୁ ମାରି ଲୁବିକୁ ହତ୍ୟା କରାଯାଇଛି ଏବଂ ଉକ୍ତ ଟାଙ୍ଗିଆକୁ ଜବତ କରାଯାଇ ଘଟଣା ର ତଦନ୍ତ ଆରମ୍ଭ କରାଯାଇଥିବା ତଦନ୍ତ ଅଧିକାରୀ ଏସ୍. ଆଇ ନୀଳମାଧବ ରେଡୀ କହିଛନ୍ତି।

# ବୋମା ମାଡ଼ରେ ଥରିଲା ବନ୍ଥପଲ୍ଲୀ

ଦିଗପହଣ୍ଡି,୨୩।୨(ସମିସ): ଦିଗପହଣ୍ଡି ଥାନା ମହୁଡ଼ା ବନ୍ଥପଲ୍ଲୀ ଗ୍ରାମର ପ୍ରଶାନ୍ତ ଭୂୟାଁଙ୍କ ଘର ଉପରକୁ ବୋମା ମାଡ଼ କରାଯାଇଛି। କିଛିଦିନର ନୀରବତା ପରେ ପୂର୍ବ ଶତ୍ରୁତାକୁ ନେଇ ଏହି ବୋମା ମାଡ଼ କରାଯାଇଛି। ଫଳରେ ସମଗ୍ର ଗାଁ ଅଶାନ୍ତ ହୋଇପଡିଛି। ରବିବାର ବିଳମ୍ବିତ ରାତି ପ୍ରାୟ ୧ଟାରେ କୌଣସି ଦୁର୍ବୃତ୍ତ ପ୍ରଶାନ୍ତଙ୍କ ଘର ଉପରକୁ ବୋମା ନିକ୍ଷେପ କରିଛି। ବୋମା ବିସ୍ଫୋରଣରେ ପ୍ରଶାନ୍ତଙ୍କ ସ୍କୁଟି ଓ ସାଇକେଲ ସାମାନ୍ୟ କ୍ଷତି ହୋଇଛି। ପ୍ରଶାନ୍ତ ହିଞ୍ଜିଳିକାଟୁ ଅଞ୍ଚଳର ଜଣେ ଠିକାଦାରଙ୍କ ପାଖରେ ରହି କାମ ତଦାରଖ କରୁଥିବା ବେଳେ କାହିଁକି କୌଣସି ଦୁର୍ବୃତ୍ତ ତାଙ୍କୁ ଏବଂ ତାଙ୍କ ପରିବାର ଲୋକଙ୍କୁ ଭୟଭୀତ କରିବା ଉଦ୍ଦେଶ୍ୟରେ ଏହି ବୋମା ମାଡ଼ କରିଛି ସେନେଇ କୌଣସି ସୂଚନା ମିଳିପାରିନାହିଁ। ଏନେଇ ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ରଙ୍କୁ ପଚାରିବାରୁ ସୋମବାର ସନ୍ଧ୍ୟା ସୁଦ୍ଧା ଥାନାରେ ଏନେଇ କେହି ଏତଲା ଦେଇନଥିବା କହିଛନ୍ତି। ପୂର୍ବରୁ ପ୍ରଶାନ୍ତଙ୍କ ଜଣେ ସମ୍ପର୍କୀୟଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଏହି ଘଟଣାରେ ପ୍ରଶାନ୍ତ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଅଭିଯୁକ୍ତ ମାନଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାରେ ଜଣେ ଅଭିଯୁକ୍ତ ବିଚାରାଧୀନ ଅନ୍ତେବାସୀ ଭାବେ ବ୍ରହ୍ମପୁର ଜେଲରେ ଥିବା ଜଣାପଡ଼ିଛି। ଏହି କାରଣକୁ ନେଇ ବୋମା ମାଡ଼ କରାଯାଇଥାଇପାରେ ବୋଲି ସନ୍ଦେହ କରାଯାଉଥିବା ଆଇଆଇସି କହିଛନ୍ତି।

# ଟ୍ରେନରେ ୧୧ ଲକ୍ଷ ଟଙ୍କାର ଗଞ୍ଜେଇ ଚାଲାଣ

ଜଳେଶ୍ୱର, ୨୩।୨ (ସମିସ): ଟ୍ରେନରେ ଗଞ୍ଜେଇ ଚାଲାଣ ବେଳେ ରେଳ ପୁଲିସ ଓ ଅନୁସନ୍ଧାନକାରୀ କୁକୁର ଦ୍ୱାରା ୧୧ଲକ୍ଷ ୧୫ ହଜାର ଟଙ୍କାର ଗଞ୍ଜେଇ ଜବତ ସହିତ ଜଣେ ଗିରଫ। ସୂଚନାରୁ ଜଣାଯାଇଛି ଯେ ୧୮୦୪୪ ଭଦ୍ରଖ-ଖଡଗପୁର ବାଘାଯତୀନ ଏକ୍ସପ୍ରେସରେ ସୋର ଷ୍ଟେସନରୁ ଖଡଗପୁର ଅଭିମୂଖେ ଜନୈକ ଯୁବକ ଗଞ୍ଜେଇ ନେଇ



ଯାଉଥିବାର କୌଣସି ଏକ ସୂତ୍ରରୁ ରେଳ ପୁଲିସକୁ ସୂଚନା ମିଳିଥିଲା। ଫଳରେ ଆଇ.ପି.ଏଫ୍ ରେଳ ଟାକ୍ସ ଟିମର ମୁଖ୍ୟ ଇନଚାର୍ଜ ଏମ.କେ ସନ୍ୟାସୀଙ୍କ ନେତୃତ୍ୱରେ ଏକ ଟିମ ଜଳେଶ୍ୱର ଷ୍ଟେସନରୁ ବିଭିନ୍ନ ରେଳ ବଗିକୁ ଅନୁସନ୍ଧାନକାରୀ ପୁଲିସ କୁକୁର ଦ୍ୱାରା ତଲାସୀ କରିଥିଲେ। ଶେଷରେ ବେଲଦା ଷ୍ଟେସନ ପାଖରେ ଏକ ବଗିରେ ଦୁଇଟି ବ୍ୟାଗ ସହିତ ଜଣେ ବ୍ୟକ୍ତିଙ୍କୁ କୁକୁର ଚିହ୍ନଟ କରିଥିଲା। ଉକ୍ତ ଯୁବକ ସହିତ ଦୁଇଟି ଗଞ୍ଜେଇ ଭର୍ତି ବ୍ୟାଗ, ଏକ ମୋବାଇଲ ଫୋନ ସହିତ କିଛି ଜିନିଷ ରେଳ ପୁଲିସ ଜବତ କରିଥିଲା। ଉକ୍ତ ବ୍ୟାଗ ଦୁଇଟିରେ ୨୩ ପ୍ୟାକେଟ ଗଞ୍ଜେଇ ରହିଥିବା ବେଳେ ତାର ଓଜନ ୨୨କେଜି ୩୦୦ଗ୍ରାମ ବୋଲି ଜଣାପଡିଛି। ଯାହାର ଆନୁମାନିକ ମୂଲ୍ୟ ୧୧ଲକ୍ଷ ୧୫ହଜାର ଟଙ୍କା ବୋଲି ପୁଲିସ କହିଛି। ଗିରଫ ଯୁବକ ଜଣକ ପଶ୍ଚିମବଙ୍ଗ ରାଜ୍ୟର, ଜିଲ୍ଲା-ଦକ୍ଷିଣ ୨୪ ପ୍ରଗଣା, ଥାନା-କୁଲଟଲି, ପୋଅ-୦୪ ନଂ ଲସ୍କରପଡା, ବାବୁରିଛକ ଅଂଚଳର ମନିରୁଦ୍ଦିନ ମୋଲାଙ୍କ ପୁଅ ରାହୁଲ ମୋଲା(୧୯) ବୋଲି ଜଣାପଡିଛି। ଚଢାଉରେ ଆଇ.ପି.ଏଫ୍ ୱାଏ କୁମାର, ଏସ.ଆଇ ଏସ୍‌ଆର ମଲ୍ଲିକ, ଏଏସଆଇ ଜି. ହାଁସଦା, ଏ.ଏସ.ଆଇ ବିଏମ୍ ପାତ୍ର, ଏଚ.ସି ପି ରଣା, ଏଚ.ସି ବି ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

# ଜଗନ୍ନାଥଙ୍କୁ ପୁଅ କରି ବାସଗୃହ ଦାନକଲେ ମହିଳା

ପାରଳାଖେମୁଣ୍ଡି,୨୩।୨(ସମିସ): ପାରଳାଖେମୁଣ୍ଡିରେ ନୂତନ ଜଗନ୍ନାଥ ମନ୍ଦିର କାର୍ଯ୍ୟ ଚାଲୁ ରହିଛି। ଏହି ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଜଗନ୍ନାଥ ପ୍ରେମୀ ବା ଶ୍ରଦ୍ଧାଳ ଦାନ କରୁଛନ୍ତି। ମନ୍ଦିର ନିର୍ମାଣ ପାଇଁ ଯେଉଁ ସବୁ ଅର୍ଥ ବିନିଯୋଗ ହେଉଛି ସହର ତଥା ଜିଲ୍ଲା ଏବଂ ପଡୋଶୀ ଆନ୍ଧ୍ରପ୍ରଦେଶର ଭକ୍ତ ସାମର୍ଥ୍ୟ ଅନୁଯାଇ ସ୍ୱଇଚ୍ଛାରେ ଦାନ କରୁଛନ୍ତି। ମନ୍ଦିରର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ଦାନ ବି ସେତିକି ମାତ୍ରାରେ ବଢି ଚାଲିଛି । ପାରଳାଖେମୁଣ୍ଡିର ଜଣେ ମହିଳା ନିଜ ବାସଭବନକୁ ଜଗନ୍ନାଥ ମନ୍ଦିରକୁ ଦାନ କରିଛନ୍ତି। ସୁନାରି ସାହିର କନକପ୍ରଭା ପାତ୍ର ନାମ୍ନୀ ମହିଳା ଜଣକ ସ୍ୱଅର୍ଜିତ ବାସଗୃହକୁ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣରେ ସହାୟତା ପାଇଁ ଦାନ କରିଛନ୍ତି । ମହିଳାଙ୍କ ସ୍ୱାମୀ ସତ୍ୟନାରାୟଣ ପାତ୍ର ଜଗନ୍ନାଥ ପ୍ରେମୀ । ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ସକାଶେ ଗଠନ ହୋଇଥିବା ୧୪ ଜଣିଆ ଜଗନ୍ନାଥ ସେବା ଦଳର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ହେଲେ ୨୦୨୪ ମସିହାରେ ତାଙ୍କର ପରଲୋକ ହୋଇଥିଲା। ଦମ୍ପତି ନିସନ୍ତାନ ହୋଇଥିବାରୁ କନକ ପ୍ରଭା ଏକୁଟିଆ ହୋଇଯାଇଥିଲେ। ଶେଷରେ



ନିଜ ସ୍ୱାମୀଙ୍କ ଜଗନ୍ନାଥ ପ୍ରେମ ଓ ଭକ୍ତି ଏବଂ ନିସନ୍ତାନ ହୋଇଥିବା ଯୋଗୁଁ ଶେଷରେ ପ୍ରଭୁ ଜଗନ୍ନାଥଙ୍କୁ ନିଜର ପୁଅ ଭାବି ବାସଗୃହକୁ ଦାନ କରିଥିବା ଜଗନ୍ନାଥ ସେବା ଦଳର ଦୁର୍ଗାମାଧବ ପାଣିଗ୍ରାହୀ ଜଣାଇଛନ୍ତି । ମହିଳାଙ୍କ ଏପରି ଦାନକୁ ନେଇ ଜଗନ୍ନାଥ ସେବାଦଳ ପକ୍ଷରୁ କନକପ୍ରଭାଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରାଯାଇଛି।

### ବ୍ୟାସନଗରରେ ପୁଣି ଲଜ୍ଜା।

# ପୁଣି ୧୫ ବର୍ଷୀୟ ନାବାଳିକା ଗର୍ଭବତୀ

ବ୍ୟାସନଗର,୨୩।୨(ସମିସ): ବ୍ୟାସନଗରରେ ପୁଣି ଲଜ୍ଜା। ଗୋଟିଏ ମାସରେ ଏହି ସହରରେ ୨ ଜଣ ନାବାଳିକା ଗର୍ଭବତୀ ହେବା ଭଳି ଖବର ସାମ୍ନାକୁ ଆସିଛି। ସୂଚନାଯୋଗ୍ୟ, କିଛି ଦିନ ତଳେ ଯାଜପୁର ରୋଡ୍ ଆଦର୍ଶ ଥାନା ଅଞ୍ଚଳର ଜଣେ ନାବାଳିକା ମା' ହେବା ଘଟଣା ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିବା ବେଳେ ଏହି ମାମଲାରେ ପୁଲିସ ତଦନ୍ତ ଆରମ୍ଭ କରି ମୁଖ୍ୟ ଅଭିଯୁକ୍ତ ପଦ୍ମନାଭ ଶତପଥୀ, ବେଆଇନ ଭାବେ ନାବାଳିକାର ପିଲା ଜନ୍ମ କରାଇଥିବା ଘରୋଇ ମେଡିକାଲର ମାଲିକ ମନୋଜ କୁମାର ନାୟକଙ୍କୁ ପୁଲିସ ଗିରଫ କରି କୋର୍ଟଚାଲଣ କରିଥିଲା। କିନ୍ତୁ ଅଭିଯୁକ୍ତ ଡାକ୍ତର ଏଯାଏଁ ଫେରାର ରହିଛନ୍ତି। ତେବେ ଏହି ମାମଲାରେ ପୁଲିସ ସମ୍ପୃକ୍ତ ହସ୍ପିଟାଲରେ କାର୍ଯ୍ୟରତ ଷ୍ଟାଫ୍‌ନର୍ସ ଏବଂ ଅନ୍ୟ କର୍ମଚାରୀମାନଙ୍କୁ ବ୍ୟକ୍ତିଗତ ଭାବେ ହାଜର କରାଇ ବୟାନ ରେକର୍ଡ କରୁଥିବା ବେଳେ ଆଗକୁ ଅନେକ ଦିଗକୁ ନେଇ ତଦନ୍ତ ଚଳାଇଛି।


ଏପରି ସ୍ଥିତିରେ, ସୋମବାର ସହରରେ ଆଉ ଜଣେ ୧୫ବର୍ଷୀୟ ନାବାଳିକା ଗର୍ଭବତୀ ହେବା ଖବର ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ମୁତାବକ ସମ୍ପୃକ୍ତ ନାବାଳିକା ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିବା ବେଳେ କିଏ ଏପରି ଘୃଣ୍ୟ କାର୍ଯ୍ୟ କରିଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖବର ପାଇ କୋରେଇ ସିଡିପିଓ ଶାନ୍ତିଲତା ବେଶରା ଘଟଣାସ୍ଥଳରେ ପହଞ୍ଚି ଥାନାରେ ଲିଖିତ ଅଭିଯୋଗ କରିଥିବା ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ କର୍ମଚାରୀ ମଧ୍ୟ ଯାଜପୁର ରୋଡ୍ ଆଦର୍ଶ ଥାନାରେ ପହଞ୍ଚି ମାମଲାର ତଦନ୍ତ କରୁଛନ୍ତି।

# ବାଲିବନ୍ଧ ବନାଞ୍ଚଳକୁ ଲେଉଟିଲେ ହାତୀପଲ

ବାଲିବନ୍ଧ,୨୩।୨(ସମିସ): କେନ୍ଦୁଝର ସଦର ରେଞ୍ଜରେ ରହିଥିବା ହାତୀ ପଲ ରବିବାର ରାଇକଳା ଦେଇ ବାଲିବନ୍ଧ ବନାଞ୍ଚଳକୁ ପ୍ରବେଶ କରିଛନ୍ତି। ହାତୀପଲ ବାଲିବନ୍ଧ ବନାଞ୍ଚଳର ଦୁର୍ଗାପୁର ଦେଇ ଲକ୍ଷ୍ମୀପଶି ବିଟ୍‌ର ସୋଲଗୋଡ଼ା ଜଙ୍ଗଲରେ ପ୍ରବେଶ କରିଛନ୍ତି। ହାତୀଗୁଡ଼ିକ ସୋଲଗୋଡ଼ା ଜଙ୍ଗଲକୁ ପ୍ରବେଶ କରିବା ପୂର୍ବରୁ ପାର୍ବତୀପୁର ଗ୍ରାମର ଜଣେ ବ୍ୟକ୍ତି ନିର୍ମାଣ କରୁଥିବା ନୂତନ ଘରର କାନ୍ଥକୁ ଭାଙ୍ଗି ଦେଇଛନ୍ତି। ହାତୀପଲ ବର୍ତ୍ତମାନ ସୋଲଗଡ଼ା ଏବଂ ମଣଦା ମଝିରେ

### ପନିପରିବା ଫସଲ ଉଜାଡ଼ିବା ଆଶଙ୍କା

ରହିଥିବା ଜଙ୍ଗଲରେ ଆଶ୍ରୟ ନେଇଛନ୍ତି। ହାତୀ ପଲ ଲକ୍ଷ୍ମୀପଶି ବିଟ୍‌କୁ ପ୍ରବେଶ କରିଥିବାରୁ ପରିବା ଚାଷୀ ଚିନ୍ତାରେ ପଡ଼ିଯାଇଛନ୍ତି। ତାଙ୍କ ବାଡ଼ି ବଗିଚା ନଦୀ ନାଳ କୂଳରେ। ଏଥିରେ ବିଭିନ୍ନ ପନିପରିବା ଚାଷ ହୋଇଛି।



ତେଣୁ ଏହି ଫସଲ ହାତୀ କବଳରୁ କିଭଳି ରକ୍ଷା କରିବେ ବୋଲି ଏବେ ଚିନ୍ତାରେ ପଡ଼ିଛନ୍ତି। ହାତୀ ପଲ ଧାନ ପାଚିଥିବା ସମୟରେ ଆସି ଚାଷୀଙ୍କ ବ୍ୟାପକ ଧାନ ଫସଲକୁ ଖାଇବା ସହିତ ପାଦରେ ଦଳି ଚକଟି ନଷ୍ଟ କରିଥିଲେ। ପୁଣି ଥରେ ହାତୀପଲ ବର୍ତ୍ତମାନ ଲେଉଟି ଆସିଛନ୍ତି ଏହି ଅଞ୍ଚଳକୁ। ବିଶେଷ କରି ହାତୀଗୁଡ଼ିକ ଧାନ ଫସଲକୁ ଯେପରି ନଷ୍ଟ କରିଥିଲେ, ଏବେ ପନିପରିବା ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। ତେଣୁ ବାଲିବନ୍ଧ ବନପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ବନରକ୍ଷୀ, ଗଜସାଥୀ, ପାରା ଷ୍ଟାଫ୍ ହାତୀ ଆଶ୍ରୟ ନେଇଥିବା ସ୍ଥାନରେ ଉପସ୍ଥିତ ରହି ଗତିବିଧି ଲକ୍ଷ୍ୟ କରୁଛନ୍ତି। ସନ୍ଧ୍ୟାରେ ହାତୀଗୁଡ଼ିକୁ ପନିପରିବା ଚାଷ ହୋଇଥିବା ସ୍ଥାନରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବ ବୋଲି ବାଲିବନ୍ଧ ବନପାଳ କହିଛନ୍ତି।